# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ନେତା-ବାବୁ ବିବାଦ

ବାଙ୍କୀପୁର ବିଗାଡ଼ିଲା ବିଜେପି ଅଙ୍କ

ମୋଦିଙ୍କ ପାଇଁ ଆହ୍ୱାନ

ହକିରେ ରାଜନୀତି ରଙ୍ଗ

ଆନ୍ଧ୍ର ନେଇଗଲା 'ଢେମ୍‌ସା'


ଚିନ୍ମୟ୍ ସାହୁଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-37 03 AUGUST - 09 AUGUST 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୩୭ ୦୩ ଅଗଷ୍ଟ - ୦୯ ଅଗଷ୍ଟ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



ଗର୍ବିତ ଓଡ଼ିଆ



# ନେତା-ବାବୁ ବିବାଦ

ସମ୍ପ୍ରତି ରାଜ୍ୟ ରାଜନୀତି ଓ ପ୍ରଶାସନିକ ବ୍ୟବସ୍ଥାରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ତୃଣମୂଳସ୍ତରରେ ପ୍ରଶାସକ ଓ ନେତାଙ୍କ ବିବାଦ ଏକ ଖରାପ ପରମ୍ପରା ସୃଷ୍ଟି କରିଛି।

ପାଠକେ ବନ୍ଧୁଙ୍କର ମନେଥିବ, ରାଜନଗରରେ କିଭଳି ଭାବେ ବିଜେପି ନେତା ଲଳିତ ବେହେରା ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ମହାକାଳପଡ଼ାରେ ଚାମେଲୀ ଓଝା ତ ବିଡ଼ିଓ ଓ ପୁଲିସଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଭୁବନେଶ୍ୱର ବିଏମସି ଅଫିସର ଘଟଣା ତ କେବେ ମନରୁ ଲିଭିବନି। ଖୋର୍ଦ୍ଧା ଜିଲ୍ଲା ପରିଷଦ ବୈଠକରେ ବୋଲଗଡ଼ ବିଡ଼ିଓଙ୍କୁ ହଟହଟା କରାଗଲା। ଟାଙ୍ଗୀଚୌଦ୍ୱାରରେ ବିଜେପି ନେତା ଅରିନ୍ଦମ ଓ ଅଭୟ ବି କେମିତି ଗର୍ଜନ କରୁଥିଲେ ତାହାବି ସମସ୍ତେ ଦେଖିଛନ୍ତି। ସେହିପରି ବିଜେଡ଼ି ନେତା ପ୍ରଦୀପ ମାଝୀ ବି ପ୍ରଶାସନିକ ଅଧିକାରୀଙ୍କୁ ଟ୍ୟୁସନ୍ କରିବାର ନଜିର ରହିଛି। ଏଇ ନିକଟରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କୁ ବାକ୍ୟବାଣରେ ଆହତ କରିଦେଇଛନ୍ତି।

ଏସବୁ ଦେଖିବା ପରେ, ଏବେ ସୌମ୍ୟବାବୁଙ୍କ କଥା ମନେପଡୁଛି। ମନ୍ତ୍ରୀ ବଡ଼ ନା ସଚିବ ବଡ଼ କଥା ଲେଖି ତାଙ୍କୁ ତ ବହୁମୂଲ୍ୟ ଦେବାକୁ ହିଁ ପଡ଼ିଛି। ଏବେ ସେମିତି ପ୍ରଶାସକ ବଡ଼ ନା ନେତା, ପ୍ରଶ୍ନ ଉଠିବା ସ୍ୱାଭାବିକ। ବାସ୍ତବରେ ଏ ବିବାଦ ଲୋକଙ୍କ ମଙ୍ଗଳ ପାଇଁ ନୁହଁ, ବରଂ ପତିଆରା ପାଇଁ କହିଲେ ଭୁଲ୍ ହେବନାହିଁ।

ବେଳେବେଳେ ପ୍ରଶ୍ନ ଉଠେ, ପ୍ରଶାସକ ଓ ନେତା ଏକାଠି ହେବା ସମାଜ ପାଇଁ ଭଲ କି ? ଯଦି ଉଭୟ ସ୍ୱଚ୍ଛ, ନିରପେକ୍ଷ ଓ ଜନମଙ୍ଗଳକାରୀ ହେବେ ତେବେ ସେହି ଅଞ୍ଚଳ ରାମ ରାଜ୍ୟ ହୋଇଯିବ। ଆଉ ଉଭୟ ଯଦି ଖାଉଆ ଚରିତ୍ରର ହୋଇଯିବେ ତେବେ ରାବଣ ରାଜ୍ ଚାଲିବ। ଏତକ ପଢ଼ିବା ପରେ ଆପଣଙ୍କ ମନରେ ପ୍ରଶ୍ନ ଉଠୁଥିବ, ତେବେ କ'ଣ ହେଲେ ଭଲ ହେବ ?

ଆମର ଉତ୍ତର ହେଉଛି, ବ୍ୟବସ୍ଥାରେ ଯେଉଁ ତ୍ରୁଟି ରହିଛି ତାହାକୁ ସୁଧାରିବାକୁ ପଡ଼ିବ। ଆଜିକାଲି ଅନଲାଇନର ଯୁଗ। ତେଣୁ ହିତାଧିକାରୀମାନେ ସବୁ ଯୋଜନାର ଲାଭ ପାଇଁ ଅନଲାଇନରେ ଆବେଦନ କରିବା ଦରକାର। ଅନଲାଇନରେ ସେମାନଙ୍କର ୱେଟିଂ ଲିଷ୍ଟ ପ୍ରସ୍ତୁତ ହେଉ। ସିରିୟଲ ଆଧାରରେ ସେମାନଙ୍କୁ ହିତାଧିକାରୀ ବୋଲି ଘୋଷଣା କରାଯିବା ଦରକାର। ସରକାର ଏକ ସର୍ଭେ ବିଭାଗ ଖୋଲନ୍ତୁ ନଚେତ୍ ଥାର୍ଡ଼ ପାର୍ଟି ସଂସ୍ଥା ଜରିଆରେ ସର୍ଭେ କରି ଯୋଗ୍ୟ ଅଯୋଗ୍ୟ ବାଛିଲେ ଯାଇ ସମସ୍ୟାର ସମାଧାନ ହୋଇପାରିବ।

# ଦୈତାରୀ ମହାନ୍ତି: ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀ



୩୧ ଜୁଲାଇ। ଏହି ଦିନ କେନ୍ଦ୍ରାପଡ଼ାର ସାଠିଲୋ ଗ୍ରାମରେ ୧୯୧୫ ମସିହାରେ ଜନ୍ମଗ୍ରହଣ କରିଥିଲେ ଦୈତାରୀ ମହାନ୍ତି। ଜଣେ ସାହସୀ ସ୍ୱାଧୀନତା ସଂଗ୍ରାମୀ, ଯାହାଙ୍କ ଜୀବନ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଉଜ୍ଜ୍ୱଳ ଅଧ୍ୟାୟ। ସୂର୍ଯ୍ୟମଣି ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଦୈତାରୀ ମହାନ୍ତି ଅତି କମ ବୟସରୁ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ।

୧୯୩୦ ମସିହାରେ ଅସୁରେଶ୍ୱର ହାଇସ୍କୁଲରେ ପଢୁଥିବା ସମୟରେ ସେ ପାଠଛାଡ଼ି କଂଗ୍ରେସ ଦଳରେ ଯୋଗ ଦେଇ ସିଭିଲ ଡିସଓବିଡିଏନ୍ସ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ଭାଗ ନେଇଥିଲେ। ବିଦେଶୀ କପଡ଼ା ଓ ମଦ ଦୋକାନ ଆଗରେ ପିକେଟିଂ କରିବା ପାଇଁ ତାଙ୍କୁ ବାରମ୍ବାର ଗିରଫ କରାଯାଇଥିଲା। ସେ ସମୟରେ ସେ ନାବାଳକ ଥିବାରୁ ବେତ ମାରି ସତର୍କ କରି ମୁକ୍ତ କରାଯାଇଥିଲା।

କିନ୍ତୁ ମୁକ୍ତି ପରେ ପୁନର୍ବାର ପିକେଟିଂ କରିବାରୁ ତାଙ୍କୁ ଛଅ ମାସ କାରାଦଣ୍ଡ ଦିଆଯାଇଥିଲା। ପୁନର୍ବାର ମୁକ୍ତି ପରେ ସେ ଏହି କାର୍ଯ୍ୟ ଜାରି ରଖିଥିବାରୁ ଦଶ ମାସ ଅଧିକ କାରାବାସ ଭୋଗିଥିଲେ। କେନ୍ଦ୍ରାପଡ଼ା ସବ୍-ଜେଲ, କଟକ ଜେଲ (ଦରଘା ବଜାର) ଓ ବିହାରର ପାଟନା ଜେଲରେ ସେ କାରାବାସ କଟାଇଥିଲେ। ଦ୍ୱିତୀୟ କାରାବାସ ସମୟରେ ତାଙ୍କ ମାତା ସେବତୀ ମହାନ୍ତି ଦୁଃଖରେ ପ୍ରାଣ ହରାଇଥିଲେ।

କେନ୍ଦ୍ରାପଡ଼ା ଅଞ୍ଚଳରେ ବ୍ରିଟିଶ ଶାସନ ବିରୋଧରେ ସଂଘର୍ଷର ଏକ ସମୃଦ୍ଧ ଇତିହାସ ରହିଛି। ଦୈତାରୀ ମହାନ୍ତି , ଯଦୁମଣି ମଙ୍ଗରାଜଙ୍କ ସହିତ ମିଶି ତୃଣମୂଳସ୍ତରରେ ପ୍ରତିବାଦ ଆୟୋଜନ, ଜାତୀୟ ଭାବନା ପ୍ରସାର ଓ ବ୍ରିଟିଶ ନୀତି ବିରୋଧରେ ପ୍ରତିରୋଧ ସୃଷ୍ଟି କରିଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଗଠିତ ବାନର ସେନା (ମଙ୍କି ବ୍ରିଗେଡ) ଯୁବ ଆନ୍ଦୋଳନର ସହଯୋଗୀ ଥିଲେ। ସ୍ୱରାଜ ଆଶ୍ରମ ସହିତ ଜଡ଼ିତ ରହି ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ସରଳା ଦେବୀ, ମାଳତୀ ଚୌଧୁରୀ, ଜମ୍ବୁବତୀ ପଟ୍ଟନାୟକ ଓ ସୁରେନ୍ଦ୍ରନାଥ ଦାସଙ୍କ ସହିତ କାର୍ଯ୍ୟ କରିଥିଲେ।

୧୯୩୦ ମସିହାର ଲବଣ ସତ୍ୟାଗ୍ରହ କେନ୍ଦ୍ରାପଡ଼ାରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରବିନ୍ଦୁ ହୋଇଥିଲା। ଯଦିଓ ଓଡ଼ିଶାର ସବୁଠାରୁ ପ୍ରମୁଖ ଲବଣ ସତ୍ୟାଗ୍ରହ ପ୍ରତିବାଦ ବାଲେଶ୍ୱରର ଇଞ୍ଚୁଡ଼ିରେ ହୋଇଥିଲା, କେନ୍ଦ୍ରାପଡ଼ାର ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ମଧ୍ୟ ସକ୍ରିୟ ଭାଗିଦାରୀ ରହିଥିଲା। ଗାନ୍ଧୀଜୀଙ୍କ ପାଟକୁରା, ସଠିଲୋ ଅଞ୍ଚଳକୁ ପଦଯାତ୍ରା, ରାତ୍ରି ରହଣି ଓ ଦୈତାରୀ ମହାନ୍ତିଙ୍କ ଭଳି ସ୍ଥାନୀୟ ନେତାଙ୍କ ଭୂମିକା ଯଥେଷ୍ଟ ପ୍ରଚାର ପାଇନାହିଁ। ସେ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଅଜ୍ଞାତ ନାୟକ ହୋଇ ରହିଗଲେ।

ଦୈତାରୀ ମହାନ୍ତି ସ୍ୱାଧୀନତା ପରେ ମଧ୍ୟ ଉପକୂଳ ଅଞ୍ଚଳର ଅନେକ ସ୍ୱାଧୀନତା ସଂଗ୍ରାମୀ, ରାଜ ନେତା ଓ ମନ୍ତ୍ରୀଙ୍କ ସଂସ୍ପର୍ଶ ରେ ଥିଲେ। ସରକାର ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଓ ଅନ୍ୟ ସୁବିଧା ତାଙ୍କୁ ଯୋଗେଇ ଦେଇଥିଲେ।

୧୯୯୨ ମସିହାରେ କଟକର ଦେଉଳସାହି ନିଜ ଗୃହରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପ୍ରେରଣାରେ ତାଙ୍କ କନିଷ୍ଠ ଭାଇ ଭାଗବତ ପ୍ରସାଦ ମହାନ୍ତି କିଷାନ ସତ୍ୟାଗ୍ରହ ଆନ୍ଦୋଳନ (୧୯୪୯-୬୦)ରେ ଯୋଗ ଦେଇ ପରେ ପ୍ରଜା ସୋସିଆଲିଷ୍ଟ ପାର୍ଟି ଓ କଂଗ୍ରେସ ରେ ସକ୍ରିୟ ରହି ମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ।



## ବାବା ଅବ୍ଜର୍ଭାନନ୍ଦ

ପାନ ଦୋକାନରେ ଠିଆ ହୋଇ
ଯେବେ ଟିଭିରେ ପଡିଲା ଆଖି,
ବିସ୍କୁଟ ମୋର ହାତରୁ ଖସିଲା
ପାରିଲିନି ଟିକେ ଚାଖି ।

ବାଜୁଥିଲା ସେଠି ବାଙ୍କିପୁରର
ନିର୍ବାଚନ ଫଳାଫଳ,
ଦେଖି ମୁଁ ଭାବିଲି ଏମିତି କେମିତି
ହେଇଗଲା ଗଣ୍ଡଗୋଳ ।

ଭାବିଲି ଟିଭିରେ ଦେଖୁଛି ବୋଧେ ମୁଁ
ସବୁଠାରୁ ବଡ଼ ମିଛ,
ବିଶ୍ୱଗୁରୁଙ୍କର ବଡ଼ ଦଳ କେବେ
ରହିବ କି ଏତେ ପଛ !

ଚବିଶିରେ ପରା ପ୍ରଶାନ୍ତ ବାବୁଙ୍କୁ
ବିହାରୀ ଦେଲେ ଯେ ମାଡ଼,
କଣ ଏମିତି ବଦଳିଲା ଏବେ
ଜିତିଯିବେ କି ସେ ଗଡ଼ !

କିଏ ସେ ଜିତିବ କିଏ ବା ହାରିବ
ଏବେ ଠାରୁ ନାହିଁ ଜଣା,
ଲାଗୁଛି କିନ୍ତୁ ପୂର୍ଣ୍ଣ ମାଠିଆରେ
ହେଇଗଲା ବୋଧେ କଣା !

ଛୋଟିଆ କାଟିଆ ସିଟ ନୁହେଁ ସେ
ସଭାପତିଙ୍କର ଘର,
ବାଙ୍କିପୁର ଯଦି ହାତୁ ଖସିଗଲା
ହଲିଯିବ ସରକାର !

ସତରେ କି ଆଉ ବଦଳେ ସମୟ
ବାର ବରଷର ପରେ,
କୋମଳ ଶିଶୁଟା ଯୁଆନ ହେଇକି
ଭୁଲ ରାସ୍ତାକୁ ଧରେ !

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।




# ବାଙ୍କୀପୁର ବିଗାଡ଼ିଲା ବିଜେପି ଅଙ୍କ

ବାଙ୍କୀପୁର। ତିନି ଦଶନ୍ଧି ଧରି ଏହା ଥିଲା ବିଜେପିର ଗଡ଼। ବାଙ୍କୀପୁରର ପୂର୍ବତନ ବିଧାୟକ ଏବେ ଜାତୀୟ ବିଜେପି ସଭାପତି। ୨୦୨୫ରେ ୫୧ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଜିତିଥିବା ନୀତିନ ନବୀନଙ୍କ ଏହି ଆସନରେ ବାଜିମାତ୍ କରିଛନ୍ତି ପ୍ରଶାନ୍ତ କିଶୋର। ଜଣେ ନିର୍ବାଚନୀ ରଣନୀତିକାର ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରଶାନ୍ତ ଜନ ସୂରାଜ ପାର୍ଟି ଜରିଆରେ ୨୦୨୫ରେ ପଲଟିକାଲ ଏଣ୍ଟ୍ରି କରିଥିଲେ। ବିହାର ବିଧାନସଭା ନିର୍ବାଚନରେ ତାଙ୍କ ଦଳକୁ ମାଟି କାମୁଡ଼ିବାକୁ ପଡ଼ିଥିଲା। ହେଲେ ରାଜନୀତିରେ ନୂଆ ନ୍ୟାରେଟିଭ୍ କରି ସେ ଏବେ ବିଜେପି ଉପରେ ଭାରି ପଡ଼ିଯାଇଛନ୍ତି।

**ଚିତ୍ତରଞ୍ଜନ ମହାନ୍ତି, କଟକ**

ବାଙ୍କୀପୁର ନିର୍ବାଚନମଣ୍ଡଳୀଟି ୨୦୦୯ରେ ଗଢ଼ା ହୋଇଥିଲା। ପୂର୍ବରୁ ଏହାର ନାମ ଥିଲା ପାଟଣା ପଶ୍ଚିମ। ୧୯୫୭ରେ ପ୍ରଥମେ ଏଠାରେ ନିର୍ବାଚନ ହୋଇଥିଲା। ଏହାର ପ୍ରଥମ ବିଧାୟକ ଥିଲେ କଂଗ୍ରେସ ନେତା ରାମଶରଣ ସାଓ। ୧୯୬୨ରେ କଂଗ୍ରେସର କୃଷ୍ଣବଲ୍ଲଭ ସହାୟ ବାଜିମାତ୍ କରିଥିଲେ।

## ନିର୍ବାଚନ ଇତିହାସ

୧୯୬୭ରେ ମହାମାୟା ପ୍ରସାଦ ସିହ୍ନା ବିଧାୟକ ହୋଇଥିଲେ। ତେବେ ସେ ଇସ୍ତଫା ଦେବାରୁ ୧୯୬୯ ଉପନିର୍ବାଚନରେ ସିପିଆଇ ନେତା ଏକେ ସେନ୍ ବିଜୟ ଲାଭ କରିଥିଲେ। ୧୯୭୨ରେ ପୁଣି ସିପିଆଇ ଖାତାକୁ ଆସନଟି ଯାଇଥିଲା। ସୁନୀଲ ମୁଖାର୍ଜୀ ଏଠାରେ ବିଜୟ ହାସଲ କରିଥିଲେ। ୧୯୭୭ରେ ଜନତା ପାର୍ଟି ନେତା ଠାକୁର ପ୍ରସାଦ ବିଜୟ ଲାଭ କରିଥିବାବେଳେ ୧୯୮୦ରେ ବାଜିମାତ୍ କରିଥିଲେ ରଣଜିତ୍ ସିହ୍ନା। ଅତଏବ ୧୯୫୭ରୁ ୧୯୮୦ ପର୍ଯ୍ୟନ୍ତ ଏଠାରେ ସବୁବେଳେ ବିଧାୟକ ବଦଳି ଆସୁଥିଲେ।

ଗର୍ବିତ ଓଡ଼ିଆ



## ୧୯୮୫ରେ ବଦଳିଥିଲା ଗଣିତ

୧୯୮୫ରେ ବାଙ୍କୀପୁର ରାଜନୀତି ଅଙ୍କ ଗଡ଼ବଡ଼ ହୋଇଯାଇଥିଲା। ସ୍ୱାଧୀନ ପ୍ରାର୍ଥୀ ରାମାନନ୍ଦ ଯାଦବ ସବୁ ରାଜନୈତିକ ଦଳକୁ ପଛରେ ପକାଇ ନିର୍ବାଚନରେ ବାଜିମାତ୍ କରିଥିଲେ। ଯାହାକୁ ନେଇ ଏବେବି ଚର୍ଚ୍ଚା ହୋଇଥାଏ। ଏହା ପ୍ରତିପାଦିତ କରୁଛିଯେ, ଏହି ଆସନଟି ଏକତରଫା ରାଜନୀତିକୁ ସ୍ୱୀକାର କରିନଥାଏ।

## ୧୯୯୫ରୁ ବିଜେପିର ଗଡ଼

୧୯୯୫ ବେଳକୁ ଏଠାକାର ରାଜନୀତି ନୂଆ ମୋଡ଼ ନେଇଥିଲା। ଏହା ପାଲଟି ଯାଇଥିଲା ବିଜେପିର ଗଡ଼। ୧୯୯୫ରେ ବାଜିମାତ୍ କରିଥିଲେ ନବୀନ କିଶୋର ପ୍ରସାଦ ସିହ୍ନା। ସେ ୨୦୦୦, ୨୦୦୫ ଫେବୃଆରୀ ଓ ୨୦୦୫ ଅକ୍ଟୋବରରେ ହୋଇଥିବା ନିର୍ବାଚନରେ ବିଜୟ ଲାଭ କରିଥିଲେ। ୨୦୦୬ରେ ନବୀନ କିଶୋରଙ୍କ ପରଲୋକ ହୋଇଯାଇଥିଲା। ଏହାପରେ ତାଙ୍କ ପୁଅ ନୀତିନ ନବୀନ ପ୍ରଥମ ଥର ବିଧାୟକ ହୋଇଥିଲେ। ୨୦୦୯ ସୀମା ପୁନଃ ନିର୍ଦ୍ଧାରଣରେ ଏହାର ନାମ ବାଙ୍କୀପୁର ହୋଇଥିଲା। ସେଠାରୁ ଏଯାବତ୍ ନୀତିନ ନବୀନ ହିଁ ବିଜୟୀ ହୋଇ ଆସୁଥିଲେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ରାଜ୍ୟସଭାକୁ ଯିବା ପରେ ନୀତିନ ନବୀନ ଏହି ଆସନରୁ ଇସ୍ତଫା ଦେଇଥିଲେ। ଫଳରେ ତୃତୀୟ ଥର ପାଇଁ ସେଠାରେ ଉପନିର୍ବାଚନ ହୋଇଛି।

## ଟଳିପଡ଼ିଛନ୍ତି ବଡ଼ ନେତା

୨୦୨୦ରେ ଅଭିନେତା ଲବ ସିହ୍ନା ଏଠାରୁ ପରାଜୟ ବରଣ କରିଥିଲେ। ସେହିପରି ପୁଷ୍ପମ ପ୍ରିୟା ଚୌଧୁରୀ ନିର୍ବାଚନ ହାରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ କୃଷ୍ଣ ବଲ୍ଲଭ ସହାୟ ବି ନିର୍ବାଚନ ହାରିବାର ନଜିର ରହିଛି। ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ କୃପାଳ ଯାଦବ ବି ପଟନା ପଶ୍ଚିମରୁ ନିର୍ବାଚନ ହାରିଥିଲେ। କଂଗ୍ରେସର ବଡ଼ ନେତା ରାଜେଶ କୁମାରଙ୍କୁ ବି ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

## ପ୍ରାର୍ଥୀ ବଦଳାଇଥିଲା ବିଜେପି

ବିଜେପି ବୋଧହୁଏ ଏହାର ସ୍ଥିତିକୁ ନେଇ ଆଶଙ୍କାରେ ରହିଥିଲା। ନୀତିନ ନବୀନ ରାଷ୍ଟ୍ରୀୟ ସଭାପତି ହେବାପରେ ଏହାଥିଲା ପ୍ରଥମ ନିର୍ବାଚନ। ଯାହାକି ତାଙ୍କ ପାଇଁ ସ୍ୱାଭାବିକ ଭାବେ ସମ୍ମାନର ପ୍ରଶ୍ନ। ଏବେ ବିଜେପି ବିହାରରେ କ୍ଷମତାରେ ରହିଛି, ଆସନଟି ବି ସଭାପତିଙ୍କର। ତେଣୁ ପ୍ରାରମ୍ଭରେ ଅନୁମାନ କରାଯାଉଥିଲା ବିରୋଧୀ ବୋଧେ ଏଠାରେ ଜୋରଦାର ଲଢ଼େଇ କରିବାକୁ ଚାହିଁବେନି। କିନ୍ତୁ ସେମିତି କିଛି ହେଲାନାହିଁ। ବିଜେପି ପ୍ରଥମେ ଅଭିଷେକ କୁମାରଙ୍କୁ ପ୍ରାର୍ଥୀ କରିଥିଲା। ଏମିତିକି ବଣ୍ଟି ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏନଡ଼ିଏର ବହୁ ନେତା ବି ସାମିଲ୍ ହୋଇଥିଲେ। କିନ୍ତୁ ହଠାତ୍ ବଣ୍ଟି କହିଥିଲେ, ସେ ବ୍ୟକ୍ତିଗତ କାରଣ ପାଇଁ ନିର୍ବାଚନ ଲଢ଼ିବାକୁ ଚାହୁଁନାହାନ୍ତି। ଯାହାଫଳରେ ବିଜେପି ପୁଣିଥରେ ନୀରଜ କୁମାର ସିହ୍ନାଙ୍କୁ ପ୍ରାର୍ଥୀ କରିଥିଲା।

## କ'ଣ ଥିଲା ସର୍ଭେ ?

ଭୋଟ୍ ପରେ ହୋଇଥିବା ସର୍ଭେରେ ମିଶ୍ର ପ୍ରତିକ୍ରିୟା ଆସିଥିଲା। ସର୍ଭେ ଅନୁଯାୟୀ, ମୁସଲିମ୍ ଅଧ୍ୟୁଷିତ ସବଜିବାଘ, ମନ୍ଦିରି, ପିରମୁହାଣୀ, ଆନନ୍ଦପୁରୀ, ଲକ୍ଷ୍ମୀନଗର ଓ ବୋରିଂ କେନାଲ ରୋଡ୍‌ରେ ଯୁବ, ମହିଳା ଭୋଟରମାନେ ପରିବର୍ତ୍ତନ ସପକ୍ଷରେ ମତ ଦେଇଛନ୍ତି ବୋଲି କହିଥିଲେ। ସେହିପରି ମିଠାପୁର, କଦମକୁଆଁ, ଗୋରିୟାଟୋଲି, ବାକରାଗଞ୍ଜ ଅଞ୍ଚଳରେ ଲୋକେ ବିଜେପି ସପକ୍ଷରେ ଭୋଟ୍ ଦେଇଥିବା କହିଥିଲେ। ଯେତେବେଳେକି ଦରିୟାପୁର ଗୋଲା, ନାଲା ରୋଡ୍, ଯାରପୁର, ଜକ୍କନପୁର ଓ ଅଣ୍ଟା ଘାଟ ଅଞ୍ଚଳରେ ଜେଏସପି ଓ ଆରଜେଡ଼ି ସପକ୍ଷରେ ମତ ଆସିଥିଲା। ଗ୍ରାମାଞ୍ଚଳମାନଙ୍କର ଜେଏସପି ଓ ପ୍ରଶାନ୍ତ କିଶୋରଙ୍କୁ ନେଇ ହିଁ ବେଶୀ ଚର୍ଚ୍ଚା ହେଉଥିଲା।

### କ'ଣ ଥିଲା ୨୦୨୫ ଅଙ୍କ

**ନୀତିନ ନବୀନ** (ବିଜେପି)
**୯୮୨୯୯ ଭୋଟ**

**ରେଖା ଗୁପ୍ତା** (ଆରଜେଡ଼ି)
**୪୬୩୬୩ ଭୋଟ**

**ବନ୍ଦନା କୁମାରୀ** (ଜେଏସପି)
**୭୭୧୭ ଭୋଟ**

### ନୀତିନ ନବୀନ

କମ୍ ବୟସରେ ରାଜନୀତିକୁ ଆସିଥିଲେବି ନୀତିନ ନବୀନ ବଡ଼ ସଂଗଠକ ଭାବେ ଉଭା ହୋଇଥିଲେ। ବାଙ୍କୀପୁରରୁ ସେ ୨୦୧୦, ୨୦୧୫, ୨୦୨୦ ଓ ୨୦୨୫ରେ ବାଜିମାତ୍ କରିଥିଲେ। ୨୦୧୦ରେ ସେ ୬୦୮୪୦ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୫ରେ ୩୯୭୬୭ ଭୋଟ୍, ୨୦୨୦ରେ ୩୯୦୩୬ ଭୋଟ୍ ଓ ୨୦୨୫ରେ ୫୧ ହଜାର ଭୋଟରେ ଜିତିଥିଲେ। ଗତ ନିର୍ବାଚନରେ ସେ ୬୩% ଭୋଟ୍ ପାଇଥିଲେ। ଏଥିରୁ ନୀତିନ ନବୀନଙ୍କ ସାଂଗଠନିକ ଦକ୍ଷତା ଓ ଲୋକପ୍ରିୟତା ବେଶ୍ ପ୍ରତିପାଦିତ ହୋଇଥାଏ। ତିନି ଦଶକ ଧରି ବାଙ୍କୀପୁର ରାଜନୀତି ନୀତିନଙ୍କ ପରିବାର ହାତରେ ହିଁ ରହିଥିଲା।

ODIA WEEKLY • GARVIT ODIA

# ସ୍କୁଲ ବ୍ୟାଗ୍ ବନାମ ପଦ୍ମଫୁଲ




ଚିରାଚରିତ ରାଜନୀତିକ ଶଗଡ଼ଗୁଳାରେ ନଯାଇ ପ୍ରଶାନ୍ତ କିଶୋର ଏକ ନୂଆ ତରିକା ଆପଣାଇଥିଲେ। ନିର୍ବାଚନୀ ରଣନୀତିକାର ଭାବେ ଅନେକ ଦଳକୁ ବିଜୟୀ କରାଇଥିବା ପ୍ରଶାନ୍ତ କିଶୋର ଏବେ ପ୍ରଥମ ଥର ପାଇଁ ବିଧାୟକ ହେବାର ସୌଭାଗ୍ୟ ପାଇଛନ୍ତି। ନିର୍ବାଚନରେ ତାଙ୍କର ଚିହ୍ନ ଥିଲା ସ୍କୁଲ୍ ବ୍ୟାଗ୍। ଆଉ ସେଇ ବ୍ୟାଗ ଭିତରେ ଭୋଟ ଭର୍ତ୍ତି କରିଦେଇଥିଲେ ବାଙ୍କୀପୁରବାସୀ। ମାତ୍ର ବର୍ଷକ ଭିତରେ ସେଠାକାର ରାଜନୀତିକ ଚିତ୍ର ବଦଳିଯାଇଛି। ନିର୍ବାଚନରେ କେଉଁ ରାଉଣ୍ଡରେ କିଏ କେତେ ଭୋଟ୍ ପାଇଛନ୍ତି ତାହା ଆମେ ଦର୍ଶାଇଛୁ। ଗୋଟିଏ ରାଉଣ୍ଡକୁ ଛାଡ଼ିଦେଲେ ବାକି ସବୁ ରାଉଣ୍ଡରେ ପ୍ରଶାନ୍ତଙ୍କ ବିଜୟ ଏକ ନୂଆ ବାର୍ତ୍ତା ଦେଇଛି। କୌଣସି ଅଞ୍ଚଳ ବା ଜାତି ଭିତ୍ତିରେ ସେ ଭୋଟ୍ ପାଇନାହାନ୍ତି, ବରଂ ପ୍ରତି ବୁଥରେ ଯୁବ, ଛାତ୍ର, ମହିଳାଙ୍କଠୁ ନେଇ ସବୁ ବର୍ଗର ଭୋଟରମାନେ ପ୍ରଶାନ୍ତଙ୍କ 'ବ୍ୟାଗ'ରେ ହିଁ ଭୋଟ୍ ଭରି ଦେଇଛନ୍ତି।

ବିହାର ରାଜନୀତିରେ ସବୁବେଳେ ଜାତି ଓ ଧର୍ମକୁ ନେଇ ନିର୍ବାଚନ ହୁଏ। ହେଲେ ପ୍ରଶାନ୍ତ କିଶୋର ଏଥର ଶିକ୍ଷାକୁ ମୁଖ୍ୟ ଆୟୁଧ କରିଥିଲେ। ଜାତି, ଫ୍ରିବି ଓ ସବସିଡ଼ିକୁ ବଦଳରେ ସେ ଗୁଣାତ୍ମକ ଶିକ୍ଷା ଉପରେ ଫୋକସ କରିଥିଲେ। ବିହାର ପିଲା ସ୍କୁଲ ବ୍ୟାଗ୍ ବୋହିବେ, ଇଟା ବସ୍ତା ନୁହେଁ। ଶିକ୍ଷା ପାଇଁ ୧୦ ବର୍ଷରେ ୫ ଲକ୍ଷ କୋଟି ଖର୍ଚ୍ଚ କରିବାକୁ ସେ ଆହ୍ୱାନ ଦେଇଥିଲେ। ୧୫ ବର୍ଷରୁ କମ୍ ସବୁ ଗରିବ ପିଲାଙ୍କ ବେସରକାରୀ, ଇଂରାଜୀ ମାଧ୍ୟମ ସ୍କୁଲ ଫିସ୍, ବହି ଓ ପୋଷାକର ଖର୍ଚ୍ଚ ବହନ କରିବା ଦରକାର ବୋଲି ସେ କହିଥିଲେ।

## ପିକେ ଫ୍ୟାକ୍ଟର

୨୦୨୫ ବିହାର ବିଧାନସଭା ନିର୍ବାଚନରେ ୨୩୮ ଆସନରେ ଲଢ଼ି ଖାତା ଖୋଲିପାରିନଥିଲା ଜନସୁରାଜ ପାର୍ଟି। ଏଥର ପ୍ରଶାନ୍ତ ନିଜେ ମଇଦାନକୁ ଓହ୍ଲାଇଥିଲେ। ପ୍ରଶାନ୍ତଙ୍କ ବଳିଷ୍ଠ ନେତୃତ୍ୱ ସାମ୍ନାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଫିକା ପଡ଼ିଯାଇଥିଲେ। ଗାଏମୋଟ୍ ଦେଖିଲେ ସବୁ ପ୍ରାର୍ଥୀଙ୍କ ଠାରୁ ପ୍ରଶାନ୍ତ ଓଜନିଆ ଥିଲେ।

## ଜେଏସପିର ଆଦର୍ଶ

ଜେଏସପି ଯେଉଁ ଢାଞ୍ଚାରେ ନିର୍ବାଚନ ପ୍ରଚାର କଲା ତାହା ଲୋକଙ୍କୁ ଛୁଇଁଲା। ଲୋକଙ୍କ ମନ ବି ପରିବର୍ତ୍ତନ ଆଡ଼କୁ ରହିଥିଲା। ପ୍ରଶାନ୍ତ କିଶୋର ଜଣେ ଭଲ ପ୍ରାର୍ଥୀ ଭାବେ ଲୋକେ ଗ୍ରହଣ କରିନେଲେ। ତାଙ୍କର ଭାଷଣ ଦେବାର ତରିକା ବି ଲୋକଙ୍କୁ ଛୁଇଁଥିଲା।

## ଆରଜେଡ଼ିକୁ ବି ଝଟକା

ଆରଜେଡ଼ି ନିଜକୁ ବିଜେପିର ବିକଳ୍ପ ଭାବେ ଦର୍ଶାଇ ଆସୁଥିଲା। କିନ୍ତୁ ବାଙ୍କୀପୁର ଆସନରେ ଆରଜେଡ଼ି ଭୋଟ ବ୍ୟାଙ୍କକୁ ନେଇ ଯାଇଛନ୍ତି ପ୍ରଶାନ୍ତ କିଶୋର। କାୟସ୍ଥଙ୍କୁ ଛାଡ଼ିଦେଲେ ବାକି ଅନେକ ଉଚ୍ଚବର୍ଗ ଓ ଓବିସି ଭୋଟର କିଶୋରଙ୍କ ସପକ୍ଷରେ ଯାଇଛନ୍ତି। ଆରଜେଡ଼ିର ମୁସଲିମ୍ ଓ ଯାଦବ ଭୋଟ୍ ବି ସ୍କୁଲ ବ୍ୟାଗକୁ ଚାଲିଯାଇଛି।

## ପିକେ ଷ୍ଟ୍ରାଟେଜୀ

ପିକେ ଜାଣିଥିଲେ ନୀତିନ ନବୀନଙ୍କ ଗଡ଼ ହୋଇଥିବାରୁ ଏଠାରେ ହାଇଭୋଲଟେଜ ପ୍ରଚାର ହେବ। ତେଣୁ ସେ ମୋହଲା ସଭା କରିବା ସହ ଲୋକଙ୍କ ସହ ସିଧାସଳଖ ଆଲୋଚନା ଉପରେ ଫୋକସ କଲେ। ଏମିତିକି ବିଜେପିର ପ୍ରାର୍ଥୀ ଚୟନକୁ ନେଇ କ୍ଷୁବ୍ଧ କେତେକ ସ୍ଥାନୀୟ ନେତାବି ପ୍ରଶାନ୍ତଙ୍କ ସପକ୍ଷରେ ମତଦାନ କରିଛନ୍ତି।

## ପୁଣି ହାତଛଡ଼ା ହେଲା କୋରାପୁଟର ଗୌରବ !

# ଆନ୍ଧ୍ର ନେଇଗଲା 'ଢେମ୍ସା'

ଇତିହାସ ବୋଧହୁଏ ପୁଣି ନିଜକୁ ଦୋହରାଉଛି। ଯେଉଁ ଲୋକନୃତ୍ୟକୁ କୋରାପୁଟର ଆଦିବାସୀ ଜୀବନର ଅବିଚ୍ଛିନ୍ନ ଅଂଶ ବୋଲି ଅନେକ ଗବେଷଣା ଓ ଲୋକ ପରମ୍ପରା ଦର୍ଶାଉଛି, ସେହି ଢେମ୍ସା ଆଜି ବିଶ୍ୱ ମଞ୍ଚରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟ ଭାବେ ଚର୍ଚ୍ଚାରେ। ଭୋଗାପୁରମ ବିମାନବନ୍ଦର ଉଦ୍‌ଘାଟନ ଅବସରରେ ୧୩ ହଜାରରୁ ଅଧିକ ମହିଳାଙ୍କ ଢେମ୍ସା ନୃତ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହା ସହ ଓଡ଼ିଶା ପାଇଁ ଏକ ପ୍ରଶ୍ନ ମଧ୍ୟ ଛାଡ଼ି ଯାଇଛି- ନିଜ ସଂସ୍କୃତିକୁ ବିଶ୍ୱ ସାମ୍ନାରେ ଉପସ୍ଥାପନ କରିବାରେ ଆମେ ବାରମ୍ବାର କାହିଁକି ବିଫଳ ହେଉଛୁ?

କାର୍ଯ୍ୟକ୍ରମରେ ବ୍ୟବହୃତ ଗୀତ କୋରାପୁଟିଆ ଦେଶିଆ ଓଡ଼ିଆ ଭାଷାର। ନୃତ୍ୟର ମୂଳକୁ ନେଇ ମଧ୍ୟ ଅନେକ ଗବେଷକ କୋରାପୁଟକୁ ଉଲ୍ଲେଖ କରିଛନ୍ତି। ତଥାପି ସମଗ୍ର ଆୟୋଜନର ସରକାରୀ ପ୍ରଚାରରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟକୁ ଆଗରେ ରଖାଯାଇଥିବାରୁ ସୋସିଆଲ ମିଡିଆରେ ଅନେକ ପ୍ରଶ୍ନ କରିଛନ୍ତି- କୋରାପୁଟର ଐତିହ୍ୟକୁ ଯଥାଯଥ ସ୍ୱୀକୃତି କେଉଁଠି?

ଏଠାରେ ମୂଳ ପ୍ରଶ୍ନ ଆନ୍ଧ୍ରପ୍ରଦେଶକୁ ନେଇ ନୁହେଁ। ପ୍ରଶ୍ନ ହେଉଛି ଓଡ଼ିଶାର ଉଦାସୀନତାକୁ ନେଇ। ପଡୋଶୀ ରାଜ୍ୟ ନିଜ ସଂସ୍କୃତିର ପ୍ରଚାର ପାଇଁ ଯୋଜନା କରୁଛି, ବିଶ୍ୱ ରେକର୍ଡ କରୁଛି, ପର୍ଯ୍ୟଟନ ସହ ଯୋଡୁଛି। ଆଉ ଓଡ଼ିଶା ନିଜର ଲୋକନୃତ୍ୟ, ଲୋକଗୀତ ଓ ଆଦିବାସୀ ପରମ୍ପରାକୁ ନେଇ ଏପରି ବଡ଼ ମଞ୍ଚ ସୃଷ୍ଟି କରିବାରେ ବାରମ୍ବାର ପଛରେ ପଡୁଛି। ଫଳରେ ଅନ୍ୟ ରାଜ୍ୟ ଯେତେବେଳେ ଏହି ପରମ୍ପରାକୁ ବଡ଼ ପରିସରରେ ଉପସ୍ଥାପନ କରେ, ସେତେବେଳେ ଓଡ଼ିଶା ପାଖରେ କେବଳ ପ୍ରତିବାଦ କରିବା ବ୍ୟତୀତ ଆଉ କିଛି ରହେ ନାହିଁ।

ଏହା ପ୍ରଥମ ଘଟଣା ନୁହେଁ। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ସହ ବିବାଦ, ଶ୍ରୀଜଗନ୍ନାଥ ପରମ୍ପରାକୁ ନେଇ ବିଭିନ୍ନ ସମୟରେ ଉଠିଥିବା ତର୍କ, ଓଡ଼ିଶୀ ଐତିହ୍ୟର ଅନ୍ୟାନ୍ୟ ଉପାଦାନକୁ ନେଇ ସମୟ ସମୟରେ ସୃଷ୍ଟି ହୋଇଥିବା ମତଭେଦ- ସବୁ ଘଟଣା ଗୋଟିଏ କଥା କହୁଛି। ଓଡ଼ିଶା ନିଜ ଐତିହ୍ୟର ସୁରକ୍ଷା ଓ ପ୍ରଚାରରେ ଯେତେ ତତ୍ପର ହେବା କଥା, ସେତେ ହୋଇପାରିନାହିଁ।

ସଂସ୍କୃତି କେବଳ ଭାବନାର ବିଷୟ ନୁହେଁ। ଏହା ପରିଚୟ, ପର୍ଯ୍ୟଟନ, ଅର୍ଥନୀତି ଓ ରାଜ୍ୟର ବ୍ରାଣ୍ଡିଂ ସହ ମଧ୍ୟ ଜଡ଼ିତ। ଯିଏ ନିଜ ସଂସ୍କୃତିକୁ ଭଲଭାବେ ଉପସ୍ଥାପନ କରିପାରେ, ଜାତୀୟ ମଞ୍ଚରେ ସେହି ରାଜ୍ୟର ପରିଚୟ ଅଧିକ ମଜବୁତ ହୁଏ। ଏହି କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଯୋଜନାବଦ୍ଧ ଭାବେ ଆଗକୁ ବଢୁଥିବା ବେଳେ, ଓଡ଼ିଶାର ପଦକ୍ଷେପ ସେତେଟା ଦୃଶ୍ୟମାନ ହେଉନାହିଁ ବୋଲି ସଂସ୍କୃତି ମହଲରେ ମତ ପ୍ରକାଶ ପାଉଛି।

ଢେମ୍ସା ବିବାଦ ପୁଣି ଥରେ ଗୋଟିଏ ସତର୍କବାଣୀ ଦେଇଛି। ନିଜର ଐତିହ୍ୟକୁ କେବଳ ପୁସ୍ତକରେ ଲେଖି ରଖିଲେ ହେବ ନାହିଁ। ତାହାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଆଗାମୀ ଦିନରେ ଆଉ ଅନେକ ଲୋକପରମ୍ପରାକୁ ନେଇ ସମାନ ପ୍ରଶ୍ନ ଉଠିବ, ଆଉ ଓଡ଼ିଶା ପୁଣି ଥରେ କେବଳ ଦର୍ଶକ ସାଜି ରହିଯିବ।

# ଭକ୍ତଙ୍କ 'ବିଭୂତି' ଅସ୍ତ୍ର



ଛାତ୍ର କଂଗ୍ରେସର କାମଚଳା ସଭାପତି ଭାବେ ଦାୟିତ୍ୱ ପାଇଛନ୍ତି ବିଭୂତି ମହାପାତ୍ର। ସାଧାରଣତଃ କଂଗ୍ରେସର ଛାତ୍ର ସଭାପତି ଭୋଟ୍ ମାଧ୍ୟମରେ ଚୟନ ହୋଇଥାଏ। ହେଲେ ଦୀର୍ଘଦିନ ଧରି ଏହି ପଦବୀଟି ଖାଲି ପଡ଼ିଥିବାରୁ ଭକ୍ତଙ୍କ ଗୋଟିଚାଳନାରେ ବିଭୂତିଙ୍କୁ ସଭାପତି ଦାୟିତ୍ୱ ମିଳିଛି। ଆରମ୍ଭରୁ ଗ୍ରାଣ୍ଡ ଏଣ୍ଟ୍ରି କରିଛନ୍ତି ବିଭୂତି। ବିଶାଳ ଶୋଭାଯାତ୍ରାରେ ବିମାନବନ୍ଦରରୁ ଆସି କଂଗ୍ରେସ ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଛାତ୍ର କଂଗ୍ରେସ ସଭାପତି ନିର୍ବାଚନରେ ଭକ୍ତଙ୍କ ସମର୍ଥିତ ପ୍ରାର୍ଥୀ ଭାବେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବା ନିଶ୍ଚିତ ହୋଇଯାଇଛି। ସେପଟେ ଆଉ ଏକ ଗୋଷ୍ଠୀ ମଧ୍ୟ ଭକ୍ତଙ୍କୁ ଚେକ୍ ଦେବାକୁ ଯୋଜନା କରିଥିଲେ। କିନ୍ତୁ ଭକ୍ତ ଯେତେବେଳେ ବିଭୂତିଙ୍କୁ ଆଗକୁ ଆଣି ସାରିଛନ୍ତି ସେତେବେଳେ ଭକ୍ତଙ୍କ ବିରୋଧୀ ଗୋଷ୍ଠୀ କି ରଣନୀତି କରିବେ ତାହା ଉପରେ ନଜର ରହିବା ସ୍ୱାଭାବିକ।


ଗର୍ବିତ ଓଡ଼ିଆ

# ମୋଦିଙ୍କ ପାଇଁ ଆହ୍ୱାନ

୧୨ ବର୍ଷ ଧରି ମୋଦିଙ୍କ ନେତୃତ୍ୱକୁ ବିରୋଧୀ ଦଳ ଚ୍ୟାଲେଞ୍ଜ ଦେବା ତ ଦୂରର କଥା, ତାଙ୍କର ଲୋକପ୍ରିୟତା ଓ ସାଂଗଠନିକ ଦକ୍ଷତା ଆଗରେ ସେମାନେ ହଜି ଯାଉଥିଲେ। କିନ୍ତୁ ସୋସିଆଲ ମିଡ଼ିଆରେ ଟ୍ରେଣ୍ଡିଂ କରୁଥିବା ସିଜେପି କିନ୍ତୁ ମୋଦିଙ୍କୁ ଚ୍ୟାଲେଞ୍ଜ ଦେବାରେ ସଫଳ ହୋଇଛି। ମୋଦିଙ୍କ ଅନିଚ୍ଛା ସତ୍ତ୍ୱେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ଏହାକୁ ଦେଖି ବିରୋଧୀ ବି ଉତ୍ସାହିତ ହୋଇପଡ଼ିଛନ୍ତି। ସାମାଜିକ କର୍ମୀମାନେ ଆନ୍ଦୋଳନର ନୂଆ ତରିକା ଖୋଜିବା ଆରମ୍ଭ କରିଦେଇଛନ୍ତି। ଆଗକୁ ବିଭିନ୍ନ ପ୍ରସଙ୍ଗରେ ସୋସିଆଲ ମିଡ଼ିଆରେ ହିଁ ନ୍ୟାରେଟିଭ୍ ସୃଷ୍ଟିହେବ; ଯାହାକି ମୋଦିଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। **ଯେଉଁଥିପାଇଁ ମୋଦିଜୀ, ଶାହାଜୀ, ନୀତିନ ନବୀନଜୀ ବି ଜେନ୍-ଜୀ କହିବା ଆରମ୍ଭ କରିଦେଇଛନ୍ତି।**

## ଯୁବବର୍ଗଙ୍କ ନିଯୁକ୍ତି

ଦେଶ ସ୍ୱାଧୀନତା ବେଳଠାରୁ ହିଁ ରାଜନୀତିର ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି ଯୁବବର୍ଗଙ୍କ ନିଯୁକ୍ତି। ସବୁ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ଯୁବବର୍ଗଙ୍କ ନିଯୁକ୍ତିକୁ ଇସ୍ତାହାରରେ ସ୍ଥାନ ଦିଅନ୍ତି। କିନ୍ତୁ ଇସ୍ତାହାରର କଥା କିନ୍ତୁ କ୍ଷମତା ପାଇବା ପରେ କାର୍ଯ୍ୟକାରୀ ହୁଏନାହିଁ। ଉପା ସରକାର ହେଉ ଅବା ଏନଡ଼ିଏ ସରକାରର ପରିସଂଖ୍ୟାନକୁ ଦେଖିଲେ ଏହା ସ୍ୱଷ୍ଟ ଅନୁମେୟ। ମୋଦିଙ୍କ ସରକାର ଅମଳରେ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କର ଦକ୍ଷତା ବିକାଶ କରାଗଲା। ସେମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇ ଦକ୍ଷତା ପ୍ରଶିକ୍ଷଣ ଦିଆଗଲା। କିନ୍ତୁ ଦକ୍ଷତା ପ୍ରଶିକ୍ଷଣ ପରେ ଯୁବବର୍ଗଙ୍କୁ ଆଶାନୁରୂପ ନିଯୁକ୍ତି ମିଳିପାରିଲା ନାହିଁ। ଆଗାମୀ ଦିନରେ ଶିକ୍ଷା ଭଳି ନିଯୁକ୍ତିକୁ ନେଇ ମଧ୍ୟ ଆନ୍ଦୋଳନ ହେବାର ସମ୍ଭାବନା ବଡ଼ ରହିଛି। ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ବଦଳରେ ଏବେ ଏମଏସଏମଇ, ଗ୍ରାମ୍ୟୋଦ୍ୟୋଗ ଉପରେ ଫୋକସ କରିବାର ସମୟ ଆସିଯାଇଛି। ବଡ଼ବଡ଼ କମ୍ପାନୀଗୁଡ଼ିକୁ ସିଏସଆର ପାଣ୍ଠିରେ ରାସ୍ତାଘାଟ କରିବାକୁ ନକହି ବରଂ ଗ୍ରାମୋଦ୍ୟୋଗ ପ୍ରତିଷ୍ଠା ଉପରେ ଅର୍ଥ ନିବେଶ କରିବାକୁ ନିର୍ଦ୍ଦେଶ ଦିଆଗଲେ ଭଲ ହେବ।



## ତୈଳ ଓ ଇନ୍ଧନ

ଉପା ସରକାର ଅମଳରେ ତୈଳ ଓ ଘରୋଇ ଗ୍ୟାସ ଦର ହୁହୁ ହୋଇ ବଢ଼ିବାରୁ କିଭଳି ଭାବେ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଆମେ ଦେଖିଛେ। ୨୦୧୪ରେ ଏହାର ଫାଇଦା ହିଁ ବିଜେପି ନେଇଥିଲା। ଦୁର୍ନୀତି ଓ ଦରଦାମ୍ ବୃଦ୍ଧି ପାଇଁ ଲୋକେ ଅତିଷ୍ଠ ହୋଇଯାଇଥିଲେ। ମୋଦିଜୀ ଏନେଇ ଲମ୍ବା ଚଉଡ଼ା ପ୍ରତିଶ୍ରୁତି ବି ଦେଇଥିଲେ। କିନ୍ତୁ ଏଯାଏଁ ବି ପେଟ୍ରୋଲ ଦରରେ ଆଖିଦୃଶିଆ ହ୍ରାସ ପରିଲକ୍ଷିତ ହେଉନାହିଁ। ବରଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମିଥିଲେବି ଦେଶବାସୀଙ୍କୁ ଚଢ଼ା ଦରରେ ପେଟ୍ରୋଲ ଡିଜେଲ କି ଗ୍ୟାସ କିଣିବାକୁ ପଡୁଛି। ତଥାପିବି ଦେଶବାସୀ ଏହାକୁ ଚଳେଇ ନେଇଥିଲେ। ଏନେଇ ସେଭଳି ପ୍ରତିକ୍ରିୟା ମଧ୍ୟ ନାହିଁ। ଯାହାକି ନିଶ୍ଚିତ ଭାବେ ମୋଦି ସରକାରଙ୍କୁ ଆଶ୍ୱସ୍ତ କରୁଛି। କିନ୍ତୁ ନିକଟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ସଂକଟ ସୃଷ୍ଟି ମୋଦି ସରକାରଙ୍କୁ ଅକଳରେ ପକାଇ ଦେଇଥିଲା। ଯେଉଁଥିପାଇଁ ଇନ୍ଧନ କମ୍ କରିବା, ସୁନା ଗହଣା ନକିଣିବା ପାଇଁ ମୋଦିଜୀଙ୍କୁ ଅପିଲ୍ କରିବାକୁ ପଡ଼ିଥିଲା। ତୈଳ ସଂକଟ ସୃଷ୍ଟିହେଲେ ବା ଦର ବଢ଼ିଲେ ମୁଦ୍ରାସ୍ଫୀତିକୁ ତାହା ପ୍ରଭାବିତ କରିଥାଏ। ତେଣୁ ୨୦୧୪ରେ ଯେଉଁ ପ୍ରସଙ୍ଗର ଅସ୍ତ୍ର ଧରି ମୋଦିଜୀ କ୍ଷମତାକୁ ଆସିଥିଲେ ଏବେ ସେହି ଅସ୍ତ୍ରଟି ତାଙ୍କ ପାଇଁ ବୁମେରାଂ ହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଅବଶ୍ୟ ବେଳ ଥାଉଥାଉ ବନ୍ଧ ବାନ୍ଧିବା ନ୍ୟାୟରେ ମୋଦିଜୀ ଏହି ନ୍ୟାରେଟିଭକୁ କାଉଣ୍ଟର କରିବାର ବାଟ ଖୋଜିବା ଆରମ୍ଭ କରିଦେଇଛନ୍ତି।

## ସୀମା ପୁନଃନିର୍ଦ୍ଧାରଣ

ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ କରିବା, ଆସନ ସଂଖ୍ୟା ବଢ଼ାଇବା ଓ ମହିଳାଙ୍କୁ ୩୩% ସଂରକ୍ଷଣ ଦେବା ନିଶ୍ଚିତ ଭାବେ ମୋଦିଙ୍କ ପାଇଁ ବଡ଼ ଆହ୍ୱାନ। ଯଦି ମୋଦି ସରକାର ଏହି ସଫଳତା ହାସଲ କରିପାରନ୍ତି ତେବେ ବିଜେପି ରାଜନୀତିକ ଫାଇଦା ପାଇପାରିବ। ଗୋଟିଏ ପଟେ ମହିଳାଙ୍କ ଭୋଟ୍ ହାତେଇପାରିବ, ଆରପଟେ ଅନ୍ୟ ଦଳରୁ ପୋଚିଂ କରିଥିବା ନେତାଙ୍କୁ ଥଇଥାନ କରିପାରିବ। ଚଳିତ ବର୍ଷ ଅପ୍ରେଲରେ ସଂସଦରେ ମୋଦିଜୀ ଏଥିପାଇଁ ଉଦ୍ୟମ କରିଥିଲେ। ସେତେବେଳେ ଏହା ସପକ୍ଷରେ ୨୯୮ ଓ ବିପକ୍ଷରେ ୨୩୦ ଭୋଟ୍ ପଡ଼ିଥିଲା। କିନ୍ତୁ ଦୁଇ ତୃତୀୟାଂଶ ସଂଖ୍ୟା ନହେବାରୁ ବିଲଟି କାଟ୍ ଖାଇ ଯାଇଥିଲା। କିନ୍ତୁ ଏବେ ସ୍ଥିତି ବଦଳିଯାଇଛି। ଏନଡ଼ିଏ ପାଖରେ ଏବେ ୩୧୮ ସଂଖ୍ୟା ଥିବାବେଳେ ଉପା ପାଖରେ ରହିଛି ୧୮୪ ସଂଖ୍ୟା। ଯେତେବେଳେକି ଉପା ବା ଏନଡ଼ିଏରେ ନଥିବା ଦଳ ପାଖରେ ସଂଖ୍ୟା ରହିଛି ୩୮। ଏନଡ଼ିଏର ୩୧୮ ମଧ୍ୟରୁ ବିଜେପି ପାଖରେ ୨୪୦, ଟିଏମସି ଭାଙ୍ଗିବା ପରେ ଏନସିପିଆଇ ପାଖରେ ୨୦, ଟିଡ଼ିପି ୧୬, ଶିବସେନା ସିନ୍ଧେ ୧୩, ଜେଡ଼ିୟୁ ୧୨, ଏଲଜେପି ୫, ଏନସିପି ସୁନେତ୍ରା ପାୱାର ୧ , ଆରଏଲଡ଼ି ୨, ଜେଏସପି ୨ ଓ ଜେଡ଼ିଏସ ୨ ରହିଛି। ଯେତେବେଳକି ଉପା ନିକଟରେ କଂଗ୍ରେସର ୯୮, ଏସପିର ୩୭, ଟିଏମସିର ୮, ସିପିଆଇଏମର ୪, ଆରଜେଡ଼ିର ୪ ଓ ଅନ୍ୟ ଦଳର ୧୬ ରହିଛି। ଏହାଛଡ଼ା ଶିବସେନା ଉଦ୍ଧବ ୩, ଆଇୟୁଏମଏଲ ୩, ଜେଏମଏମ ୩, ଏନସିପି ୮ (ଶରଦ ପାୱାର) ରହିଛନ୍ତି। ଅନ୍ୟଦଳ ମଧ୍ୟରେ ଡିଏମକେର ୨୨, ୱାଇଏସଆରର ୪, ଆପର ୩ ଓ ଅନ୍ୟ ଭାବେ ୯ ସାଂସଦ ଅଛନ୍ତି।

ଗର୍ବିତ ଓଡ଼ିଆ ODIA WEEKLY GARVITA ODIA

# ବିଜେଡି-ବିଜେପି ଲଢେଇ କାହିଁକି ଗାୟବ କଂଗ୍ରେସ?



ଓଡ଼ିଶାର ରାଜନୀତି ଆଜି ଏକ ଏପରି ରୋମାଞ୍ଚକର ମୋଡରେ ଆସି ପହଞ୍ଚିଛି, ଯେଉଁଠି ପ୍ରତ୍ୟେକ ଦିନ ନୂଆ ନୂଆ ସମୀକରଣ, ନୂଆ ନୂଆ ବ୍ୟାନର ଏବଂ ନୂଆ ଆରୋପ-ପ୍ରତ୍ୟାରୋପ ଦେଖିବାକୁ ମିଳୁଛି। ଗୋଟିଏ ପଟେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଅନ୍ୟପଟେ ବିଜୁ ଜନତା ଦଳ (ବିଜେଡି)- ଏହି ଦୁଇ ପ୍ରମୁଖ ଦଳ ଓଡ଼ିଶାର ରାଜନୈତିକ ମଇଦାନରେ ନିଜର ଆଧିପତ୍ୟ ଜାହିର କରିବା ପାଇଁ ପୂରା ଶକ୍ତି ଲଗାଇ ଦେଇଛନ୍ତି।

ସମ୍ବାଦପତ୍ରର ପ୍ରଥମ ପୃଷ୍ଠା ହେଉ, ଟେଲିଭିଜନର ସନ୍ଧ୍ୟା ଡିବେଟ୍ ହେଉ କିମ୍ବା ଗାଁ ଗହଳିର ଚା' ଦୋକାନ, ସବୁଠି କେବଳ ବିଜେପି ଏବଂ ବିଜେଡି ନେତାଙ୍କ ମୁହାଁମୁହିଁ ବକ୍ତବ୍ୟ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ଏହି ସବୁ ହୋହାଲ୍ଲା, ଶକ୍ତି ପ୍ରଦର୍ଶନ, ଏବଂ ବାକ୍-ଯୁଦ୍ଧ ଭିତରେ ଗୋଟିଏ ଗମ୍ଭୀର ଓ ବଡ଼ ପ୍ରଶ୍ନ ପ୍ରତ୍ୟେକ ସଚେତନ ଓଡ଼ିଆଙ୍କ ମନରେ ଉଠୁଛି - ଦେଶର ସବୁଠାରୁ ପୁରୁଣା ଦଳ, ଯିଏ ଦିନେ ଓଡ଼ିଶାରେ ଦୀର୍ଘ ବର୍ଷ ଶାସନ କରିଥିଲା, ସେହି କଂଗ୍ରେସ ଆଜି ଓଡ଼ିଶାରେ କେଉଁଠି?

ଏହା କ'ଣ କଂଗ୍ରେସର କୌଣସି ଗୁପ୍ତ, ସୂକ୍ଷ୍ମ ରାଜନୈତିକ ରଣନୀତି? ନା ଏହା ଦଳୀୟ ନେତୃତ୍ୱର ବିଫଳତା ଏବଂ ସଙ୍ଗଠନର ପତନର ଏକ ଅନ୍ତିମ ଚିତ୍ର?

## ବର୍ତ୍ତମାନର ରାଜନୈତିକ ପରିବେଶ

ଆସନ୍ତୁ ପ୍ରଥମେ ଓଡ଼ିଶାର ବର୍ତ୍ତମାନର ରାଜନୈତିକ ପରିବେଶକୁ ଟିକିଏ ଗଭୀର ଭାବରେ ବୁଝିବା।

ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାର ରାଜନୀତି ଦ୍ୱିପାକ୍ଷିକରୁ ବହୁପାକ୍ଷିକ କିମ୍ବା ମଲ୍ଟିପୋଲାର ଆଡ଼କୁ ଗତି କରିଥିଲା। କିନ୍ତୁ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାବେ ବିଜେପି-ବିଜେଡି କେନ୍ଦ୍ରିକ ହୋଇସାରିଛି। ଗୋଟିଏ ପଟେ ବିଜେପି ନିଜର ସାଙ୍ଗଠନିକ ବଳ, କେନ୍ଦ୍ରୀୟ ନେତୃତ୍ୱଙ୍କ ନୀତି ଏବଂ ସମ୍ପ୍ରସାରଣ ଆଭିମୁଖ୍ୟକୁ ନେଇ ଗ୍ରାଉଣ୍ଡରେ ଦୃଢ଼ ଠିଆ ହୋଇଛି। ଅନ୍ୟପଟେ, ବିଜେଡି ନିଜର ବର୍ଷ ବର୍ଷର ଆଞ୍ଚଳିକ ସମ୍ପର୍କ, କାର୍ଯ୍ୟକ୍ରମ ଏବଂ ପୁରୁଣା ସୁଦୃଢ଼ ଭୋଟବ୍ୟାଙ୍କ ବଳରେ କଡ଼ା ଟକ୍କର ଦେଉଛି। ରାଜ୍ୟର ଶାସନ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ବିକାଶ କାର୍ଯ୍ୟ କିମ୍ବା ନୀତି ନିର୍ଦ୍ଧାରଣ- ଯେକୌଣସି ପ୍ରସଙ୍ଗ ଆସୁ, ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ମନରେ କେବଳ ଏହି ଦୁଇଟି ଦଳ ହିଁ ସ୍ଥାନ ପାଉଛନ୍ତି।

### ନୀରବତା ପଛର ଦୁଇଟି ମୁଖ୍ୟ ଦିଗ

#### ଏହା କ'ଣ କଂଗ୍ରେସର ଗୁପ୍ତ ରଣନୀତି ?

କିଛି ସୀମିତ ରାଜନୈତିକ ପଣ୍ଡିତଙ୍କ ମତରେ, କଂଗ୍ରେସ ହୁଏତ ଏକ ଚାଲାକ୍ ସାଙ୍ଗଠନିକ ନୀତି ଆପଣାଉଛି। ଯେତେବେଳେ ବିଜେପି ଏବଂ ବିଜେଡି ପରସ୍ପର ସହ ଆକ୍ରମଣାତ୍ମକ ଲଢେଇ କରୁଛନ୍ତି, ପରସ୍ପରର ଦୋଷ ଦୁର୍ବଳତା ପଦାରେ ପକାଉଛନ୍ତି, ସେତେବେଳେ କଂଗ୍ରେସ ପଛରେ ରହି ନିଜର ଆଭ୍ୟନ୍ତରୀଣ ସଂଗଠନକୁ ଚୁପଚାପ୍ ମଜବୁତ କରିବାକୁ ଚେଷ୍ଟା କରୁଥାଇପାରେ। ଦୁଇ ଦଳର ନିରନ୍ତର କଳି ଓ କ୍ଷମତା ଲଢେଇରେ ଜନସାଧାରଣ ଯେତେବେଳେ ଅତିଷ୍ଠ ହୋଇପଡ଼ିବେ, ସେତେବେଳେ କଂଗ୍ରେସ ଏକ 'ଶାନ୍ତ ଓ ଗ୍ରହଣୀୟ ବିକଳ୍ପ' ଭାବରେ ସାମ୍ନାକୁ ଆସିବାକୁ ଲକ୍ଷ୍ୟ ରଖିଥାଇପାରେ।

#### ନେତୃତ୍ୱର ବିଫଳତା ଏବଂ ପତନ ?

କିନ୍ତୁ ଗ୍ରାଉଣ୍ଡରେ କାମ କରୁଥିବା ଅନୁଭବୀ ସାମ୍ବାଦିକ, କ୍ଷେତ୍ର ସମୀକ୍ଷକ ଏବଂ ବରିଷ୍ଠ ରାଜନେତାଙ୍କ ଅନୁଯାୟୀ- ଏହା କୌଣସି ଦୂରଦୃଷ୍ଟିସମ୍ପନ୍ନ ରଣନୀତି ନୁହେଁ। ବରଂ ଏହା ଓଡ଼ିଶା କଂଗ୍ରେସର 'ସାଙ୍ଗଠନିକ ପାରାଲିସିସ୍' କିମ୍ବା କୋମା ସ୍ଥିତିର ପ୍ରତୀକ। ଗୋଟିଏ ବିରୋଧୀ ଦଳ ଯଦି ଲୋକଙ୍କ ସମସ୍ୟା ନେଇ ରାଜପଥକୁ ନଓହ୍ଲାଏ, ସରକାରଙ୍କୁ ଘେରିବାକୁ ନିଜର ଦୃଢ଼ ସ୍ୱର ନଉଠାଏ, ତେବେ ସେହି ଦଳ ନିଜର ପ୍ରାସଙ୍ଗିକତା ଏବଂ ଭୋଟରଙ୍କ ଆସ୍ଥା ହରାଇବାକୁ ବାଧ୍ୟ।

କିନ୍ତୁ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ହେଉଛି— ଯେଉଁ କଂଗ୍ରେସ ଦିନେ ଓଡ଼ିଶାରେ ସରକାର ଗଢୁଥିଲା, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରି ହେଭିୱେଟ୍ ନେତା ଦେଉଥିଲା, ଏବଂ ପରବର୍ତ୍ତୀ ସମୟରେ ମୁଖ୍ୟ ବିରୋଧୀ ଦଳ ଭାବରେ ସରକାରଙ୍କୁ ନାକେଦମ୍ କରୁଥିଲା, ସେହି କଂଗ୍ରେସ ଆଜି ରାଜନୈତିକ ଚର୍ଚ୍ଚାର ସୀମାରେଖାରୁ ବି ଗାୟବ ହୋଇଯାଇଛି।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# କଂଗ୍ରେସର ଦୁରାବସ୍ଥା ପାଇଁ ୩ଟି ଗୁରୁତ୍ୱପୂର୍ଣ୍ଣ କାରଣ

### ସ୍ପଷ୍ଟ ଆଞ୍ଚଳିକ ଦୂରଦୃଷ୍ଟିର ଅଭାବ

ଓଡ଼ିଶା କଂଗ୍ରେସ ନିକଟରେ ରାଜ୍ୟର ବିକାଶ, ବେକାରୀ, କୃଷି କିମ୍ବା ଆଞ୍ଚଳିକ ସମସ୍ୟା ପାଇଁ କୌଣସି ନିର୍ଦ୍ଦିଷ୍ଟ 'ରୋଡମ୍ୟାପ୍' ନାହିଁ। କେବଳ ଦିଲ୍ଲୀ କେନ୍ଦ୍ରୀୟ ନେତୃତ୍ୱଙ୍କ ବକ୍ତବ୍ୟକୁ ଦୋହରାଇବା ବ୍ୟତୀତ, ଓଡ଼ିଶାର ସ୍ୱତନ୍ତ୍ର ସ୍ୱାର୍ଥ ଓ ପ୍ରସଙ୍ଗକୁ ନେଇ ଦଳ ନିଜର କୌଣସି ନିଆରା ନାରେଟିଭ୍ ତିଆରି କରିପାରିନାହିଁ।

### ସାଙ୍ଗଠନିକ ଦୁର୍ବଳତା ଓ ଗୋଷ୍ଠୀକନ୍ଦଳ

ଜିଲ୍ଲା, ବ୍ଲକ୍ ଏବଂ ବୁଥ୍ ସ୍ତରରେ କଂଗ୍ରେସର ସଂଗଠନ ପ୍ରାୟତଃ ଭାଙ୍ଗିପଡ଼ିଛି। ବିଜେପି କିମ୍ବା ବିଜେଡି ସହ ମୁକାବିଲା କରିବା ପରିବର୍ତ୍ତେ, କଂଗ୍ରେସ ନେତାମାନେ ନିଜ ଭିତରେ ହିଁ ପଦପଦବୀ, ଗୋଷ୍ଠୀକନ୍ଦଳ ଏବଂ ଟିକେଟ୍ ରାଜନୀତିକୁ ନେଇ କଳିଗୋଳରେ ବ୍ୟସ୍ତ ରହୁଛନ୍ତି।

### ଦିଗହରା ଏବଂ ନିରୁତ୍ସାହିତ କର୍ମୀ

ଗ୍ରାଉଣ୍ଡ-ଲେଭଲରେ ଥିବା ନିଷ୍ଠାପର କଂଗ୍ରେସ କର୍ମୀ ଆଜି ଅଭିଭାବକହୀନ। ଅନ୍ୟ ଦଳଗୁଡ଼ିକ ନିଜ କର୍ମୀଙ୍କୁ ରାଜନୈତିକ ଓ ସାଙ୍ଗଠନିକ ସୁରକ୍ଷା ଦେଉଥିବା ବେଳେ, କଂଗ୍ରେସ କର୍ମୀମାନେ ନିଜକୁ ନିଃସ୍ୱ ମନେକରୁଛନ୍ତି। ଫଳରେ ଗୋଟିଏ ପରେ ଗୋଟିଏ କର୍ମୀ ଓ ସ୍ଥାନୀୟ ନେତା ଦଳ ଛାଡ଼ି ବିଜେପି କିମ୍ବା ବିଜେଡି ଆଡ଼କୁ ମୁହାଁଉଛନ୍ତି।

କଂଗ୍ରେସ ପାଇଁ ବର୍ତ୍ତମାନ 'କର ନଚେତ୍ ମର' ସ୍ଥିତି। ଦଳକୁ ଯଦି ପୁନର୍ଜୀବନ ପାଇବାକୁ ହେବ, ତେବେ: ସର୍ବପ୍ରଥମେ ନିଜର ନିଜସ୍ୱ ଆଭ୍ୟନ୍ତରୀଣ କନ୍ଦଳକୁ ଭୁଲିବାକୁ ପଡ଼ିବ। କେବଳ ଏସି କୋଠରୀରେ ସାମ୍ବାଦିକ ସମ୍ମିଳନୀ ନକରି, ଲୋକଙ୍କ ସମସ୍ୟାକୁ ନେଇ ରାଜପଥରେ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ପଡ଼ିବ। ବିଜେଡି-ବିଜେପିର ବ୍ୟକ୍ତିଗତ ଆରୋପ-ପ୍ରତ୍ୟାରୋପରୁ ବାହାରି ନିଜର ଏକ ନୂଆ, ବିଶ୍ୱସନୀୟ ବିକଳ୍ପ ରାଜନୀତି ପ୍ରଦର୍ଶନ କରିବାକୁ ପଡ଼ିବ।

# ଅନୁତାପ ଭୋଟରେ ବୁଡ଼ିଯିବ ଡବଲ ଇଞ୍ଜିନ୍ ସରକାର

## - ଚିନ୍ମୟ ସାହୁ

**ଚିନ୍ମୟ ସାହୁ। ଛାତ୍ର ରାଜନୀତି ସମୟରୁ ଜଣେ ଚର୍ଚ୍ଚିତ ନେତା ଭାବେ ସେ ଖ୍ୟାତି ଅର୍ଜନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ସେ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଥିଲେ। ଛାତ୍ର କଂଗ୍ରେସର ନେତୃତ୍ୱ ନେଇ ଅନେକ ଛାତ୍ରନେତା ବି ତିଆରି କରିଛନ୍ତି। ପରେ ସେ ବିଜୁ ଜନତା ଦଳକୁ ଯାଇଥିଲେବି ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିବାର ସୁଯୋଗ ପାଇନଥିଲେ। ଶେଷରେ ତାଙ୍କର ଦକ୍ଷତା ଓ ପ୍ରତିଭାକୁ ଅନୁଶୀଳନ କରି ବିଜେଡ଼ି ସୁପ୍ରିମୋ ଚିନ୍ମୟଙ୍କୁ ବିଜୁ ଯୁବ ଜନତା ଦଳର ମଙ୍ଗ ଧରାଇଛନ୍ତି। ବିରୋଧୀ ଦଳର ଯୁବନେତା ଭାବେ ଜେନ୍-ଜୀଙ୍କୁ ସାଙ୍ଗରେ ଧରି ସେ ଲଢ଼େଇ ମଇଦାନକୁ ବାହାରିଛନ୍ତି। ତାଙ୍କ ସହ ଗର୍ବିତ ଓଡ଼ିଆର ଖୋଲା ଆଲୋଚନା।**

**? ଏକଦା ଆପଣ ଥିଲେ ଓଡ଼ିଶାର ଚର୍ଚ୍ଚିତ ଛାତ୍ର ନେତା। ହେଲେ ବହୁ ବର୍ଷ ଧରି ଚିନ୍ମୟଙ୍କର ସୋରଶବ୍ଦ ନଥିଲା। ଶେଷରେ ନବୀନ ବାବୁ ଆପଣଙ୍କୁ ବଡ଼ ଦାୟିତ୍ୱ ଦେଇଛନ୍ତି। କେତେ ଚ୍ୟାଲେଞ୍ଜିଂ ରହିଛି?**

ମୁଁ ସବୁବେଳେ ସଂଗଠନ ସହ ଜଡ଼ିତ ରହିଛି। ସଂଗଠନ ଠାରୁ କେବେ ଦୂରେଇ ରହିନାହିଁ। ନବୀନ ବାବୁଙ୍କ ନେତୃତ୍ୱରେ ଓ ତାଙ୍କ ନିକଟରେ କାମ କରିବା ହିଁ ବଡ଼ ସୌଭାଗ୍ୟ। ମୁଁ ସବୁବେଳେ ଆହ୍ୱାନକୁ ସୁଯୋଗ ବୋଲି ଭାବେ। ଚ୍ୟାଲେଞ୍ଜରେ ହିଁ ମୁଁ ସବୁଠାରୁ ଭଲ ପ୍ରଦର୍ଶନ କରେ। ମୋର ଗୋଟିଏ ନୀତି, 'ପରଫର୍ମ ଅର ପେରିସ୍'।

**? ଆଗକୁ ୨୦୨୭, ତା'ପରେ ୨୦୨୯। ବିଜୁ ଜନତା ଦଳର ଭବିଷ୍ୟତ ଓ ପ୍ରଦର୍ଶନକୁ ନେଇ ଆପଣ କି ଅଙ୍କ କଷିଛନ୍ତି ?**

ନବୀନ ବାବୁଙ୍କୁ ପରାଜିତ କରି ଓଡ଼ିଶାବାସୀ ଆଜି ପଶ୍ଚାତାପ କରୁଛନ୍ତି। ନବୀନବାବୁ ଥିଲେ ସୁନା। ଯେଉଁମାନେ ମିଛ ପ୍ରତିଶ୍ରୁତି ଦେଇ, ପିତ୍ତଳକୁ ସୁନା କରି ବିକି ଦେଇଥିଲେ ସେମାନଙ୍କୁ ଲୋକେ ଭଲଭାବେ ଜାଣି ସାରିଲେଣି। ଲୋକେ ସୁନା ହରାଇଛନ୍ତି। ୨୦୨୭ ଓ ୨୦୨୯ ନିର୍ବାଚନ ପାଇଁ ଆମେ ନୁହଁ, ଓଡ଼ିଶାବାସୀ ହିଁ ଅପେକ୍ଷା କରି ରହିଛନ୍ତି। ଲୋକଙ୍କ ଅନୁତାପ ଭୋଟ୍‌ରେ ଡବଲ ଇଞ୍ଜିନ ସରକାର ବୁଡ଼ିଯିବ। ଆପଣ ଦେଖିବେ ଆଗାମୀ ନିର୍ବାଚନରେ ଇଭିଏମରେ ସବୁ ଚିହ୍ନ ଚିକ୍ ଚିକ୍ ଦିଶୁଥିବ। ହେଲେ ଶଙ୍ଖ ଚିହ୍ନ ଉପରେ ହିଁ ଲୋକଙ୍କ ଆଙ୍ଗୁଳି ଚିହ୍ନ ରହିଥିବ।

**ମୁଁ ପଦବୀକୁ ନେଇ ଭୟଭୀତ କି ଚିନ୍ତିତ ନୁହେଁ**

**? ଏବେ ଦଳକୁ ଆସିଛନ୍ତି ସୁଜାତା ରାଉତ। ଦେଖିବାକୁ ମିଳୁଛି, ସୁଜାତା ଆସିବା ପରେ ଦଳ ଶୃଙ୍ଖଳିତ ହୋଇଯାଇଛି। ଆଉ ଅସନ୍ତୁଷ୍ଟଙ୍କ ହାଲାବୋଲ ବି ନାହିଁ। ଯୁବନେତା ଭାବେ ଆପଣଙ୍କୁ ସେ କ'ଣ ସବୁ ଟିପ୍ସ ଦେଇଛନ୍ତି ?**

ଏସିଆ ମହାଦେଶର ବଡ଼ ଅନୁଷ୍ଠାନରେ ବଡ଼ ଚାକିରୀ ଛାଡ଼ି ସୁଜାତା ରାଉତ ସମାଜସେବା କରିବା ପାଇଁ ଆସିଛନ୍ତି। ଓଡ଼ିଶାବାସୀ ତାଙ୍କର ପାରଦର୍ଶିତା ଦେଖି ସାରିଛନ୍ତି। ସେ ଯେଉଁ ବିଭାଗ ଦାୟିତ୍ୱରେ ସେ ବିଭାଗ ମଡ଼େଲ ହୋଇଯାଇଛି। ମିଶନ ଶକ୍ତି ଏହାର ଜ୍ୱଳନ୍ତ ଉଦାହରଣ। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ସମନ୍ୱୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛନ୍ତି। ସଂଗଠନ ସହ ସୋସିଆଲ ମିଡ଼ିଆରେ ସକ୍ରିୟ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ତାଙ୍କର କହିବା କଥା, ବ୍ୟକ୍ତିଗତ ଭାବେ ସବୁଠି ସଂଗଠନ ହୋଇପାରିବନି। ତେଣୁ ସାମାଜିକ ଗଣମାଧ୍ୟମ ଜରିଆରେ ଆମ ନେତାଙ୍କ କଥା, ଆମ ସରକାରଙ୍କ ଅମଳର ସଫଳତାର କାହାଣୀର ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି। ସେହିପରି ବର୍ତ୍ତମାନର ସରକାରଙ୍କ ଜନବିରୋଧୀ ନୀତିକୁ ନେଇ ଜନଜାଗରଣ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଯୁବପୀଢ଼ିଙ୍କ ପାଖରେ ଏହି ବାର୍ତ୍ତା ପହଁଚିବାର ଆବଶ୍ୟକତା ରହିଛି।

**ଚ୍ୟାଲେଞ୍ଜରେ ମୁଁ ଭଲ ପ୍ରଦର୍ଶନ କରେ**

**ସଂଗଠନ, ସମନ୍ୱୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛନ୍ତି ସୁଜାତା ରାଉତ**

**? ହଁ, ଆଉ ଗୋଟିଏ କଥା ଛାଡ଼ିଦେଲି। ଇପ୍ସିତାଙ୍କୁ ଛାତ୍ର ଓ ଚିନ୍ମୟଙ୍କୁ ଯୁବ ବିଜେଡ଼ି ଦାୟିତ୍ୱ ମିଳିବା ପରେ ଦଳର କେତେକ ଛାତ୍ର ଓ ଯୁବଗୋଷ୍ଠୀ ଅସନ୍ତୁଷ୍ଟ ଥିଲେ। ଏବେ ପ୍ୟାଚ୍ ପଡ଼ିସାରିଲାଣି ନା ସେମିତି ଛକାପଞ୍ଝା ଚାଲିଛି।**

ଦଳ ଭିତରେ ଅସନ୍ତୋଷ ରହିଛି ବୋଲି ମିଡ଼ିଆ ହିଁ ପ୍ରଚାର କରୁଥିଲା। ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରାଯାଉଥିଲା। ନବୀନ ବାବୁ ମୋତେ ଦାୟିତ୍ୱ ଦେବା ଦିନଠାରୁ ହିଁ ମୁଁ ସମସ୍ତଙ୍କ ସହଯୋଗ ପାଇଆସୁଛି। ଏବେବି ସମସ୍ତେ ମୋତେ ସହଯୋଗ କରୁଛନ୍ତି। ତା'ପରେ ଦ୍ୱିତୀୟ କଥାଟି ହେଲା, ପଦବୀ ସହ ମୋର ଆଟାଚମେଣ୍ଟ ନାହିଁ। କେବେ ନଥିଲା କି ଏବେବି ନାହିଁ। ଆଗରୁ ଅନେକ ବଡ଼ ନେତା ଯୁବ ବିଜେଡ଼ି ଦାୟିତ୍ୱ ନେଇଥିଲେ, ଆଗକୁ ବି ଆହୁରି ଯୁବନେତା ଦାୟିତ୍ୱ ନେବାର ସୁଯୋଗ ପାଇବେ। ମୁଁ ପଦବୀକୁ ନେଇ ଭୟଭୀତ କି ଚିନ୍ତିତ ନୁହେଁ। ବାସ୍, ରକାରଙ୍କୁ କାଠଗଡ଼ାରେ ଠିଆ କରିବି, ଦଳ ପାଇଁ କାମ କରିବି। ଚିରଦିନ ପଦବୀ ରହିବ ବୋଲି କେବେ ବି ଭାବିନି। ନବୀନ ବାବୁ ଯେଉଁ ଦାୟିତ୍ୱ ଦେବେ ମୁଁ କାମ କରିବି। ଯେତିକି ଦିନ ଦାୟିତ୍ୱରେ ରହିବି ମଇଦାନରେ ଛକା ଚଉକା ମାରିବି।

**? ଚିନ୍ମୟଙ୍କର ଦକ୍ଷତା ଅଛି। ହେଲେ ଆଜିପର୍ଯ୍ୟନ୍ତ ଦଳ ବିଧାନସଭା ଟିକେଟ୍ ଦେଇନି। ଏବେତ ନବୀନ ବାବୁ ଜେନ୍-ଜୀଙ୍କ ପାଇଁ ବ୍ୟାଟିଂ କରିବା ଆରମ୍ଭ କରିଛନ୍ତି। ୨୦୨୯ରେ ଆପଣଙ୍କୁ ଟିକେଟ୍ ମିଳିବ କି ବୋଲି ଆଶା ରଖିଛନ୍ତି?**

ମୋର ସୌଭାଗ୍ୟଯେ, ଦକ୍ଷତା ଅନୁସାରେ ନବୀନ ବାବୁ ମୋତେ ବହୁ ଦାୟିତ୍ୱ ଦେଇଛନ୍ତି। ନିଗମ ଅଧ୍ୟକ୍ଷ ଭଳି ପ୍ରଶାସନିକ ଦାୟିତ୍ୱ ଦେଇଛନ୍ତି। ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ଦଳ ପାଇଁ ପ୍ରଚାରର ସୁଯୋଗ ବି ମିଳିଛି। ରାଜନୀତିକୁ ଆସିଛି, ସମାଜସେବା କରୁଛି, ତେଣୁ ସ୍ୱାଭାବିକ ଭାବେ ନିର୍ବାଚନରେ ଲଢ଼ିବାର ଆଶା ରହିଛି। ଗାଏମୋଟ୍ କହିଲେ ମୁଁ ବହୁବାର ବରଯାତ୍ରୀରେ ଯାଇଛି ହେଲେ ନିଜେ ବର ହୋଇପାରିନି। ଯଦି ଦଳର ସୁପ୍ରିମୋ ବର ହେବାର ସୁଯୋଗ ଦେବେ ତାହେଲେ ମୁଁ ନିଶ୍ଚିତ ଭାବେ ଗ୍ରହଣ କରିବି।

**? ଯଦି ନବୀନ ବାବୁ ଆପଣଙ୍କୁ ଟିକେଟ୍ ଦେବାକୁ କୁହନ୍ତି, ତେବେ କେଉଁ ନିର୍ବାଚନମଣ୍ଡଳୀ ବାଛିବେ ?**

ନବୀନ ବାବୁଙ୍କ ନିଷ୍ପତ୍ତି ସର୍ବୋପରି। ମୋର ଜନ୍ମଭୂମି ହେଉଛି କଟକ, କର୍ମଭୂମି ହେଉଛି ଭୁବନେଶ୍ୱର। ଦୁଇଟି ଲୋକସଭା ନିର୍ବାଚନମଣ୍ଡଳୀରେ ୧୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ମୁଁ ସବୁ ପିଚ୍‌ରେ ଖେଳିପାରିବି। ନବୀନ ଯେଉଁଠି ଖେଳାଇବାକୁ ଚାହିଁବେ ସେଠାରେ ଖେଳିବାକୁ ପ୍ରସ୍ତୁତ ଅଛି।

**? ସମ୍ପ୍ରତି ମୋଦି ସରକାର ଓ ମୋହନ ସରକାରଙ୍କୁ କେତେ ରେଟିଂ ଦେବେ ? କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହେଲେ ଏହା ବିଜେଡ଼ିକୁ ଫାଇଦା ଦେବ କି?**

ସମ୍ପ୍ରତି ସବୁବର୍ଗର ଲୋକେ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ୨୨% ଯୁବବର୍ଗଙ୍କ ନିଶାନାରେ ବି ରହିଛନ୍ତି। ସାଧାରଣ ଲୋକ ବର୍ତ୍ତମାନର ଶାସକ ଦଳକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ବିଜେଡ଼ି ପାଇଁ ହେଉଛି ଓଡ଼ିଶା ଫାଷ୍ଟ। କାହାର ଉତଥାନ ପତନରେ ବିଜେଡ଼ିର ମତଲବ ନାହିଁ। ବିଜେଡ଼ି ସବୁବେଳେ ଓଡ଼ିଶାର ହକ୍ ପାଇଁ ଲଢ଼େଇ କରୁଛି। ସେଇଥିପାଇଁ ଲୋକଙ୍କ ଭଲପାଇବା ସହ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇପାରିଛି।



**? ମଝିରେ ବିଜେଡ଼ି-କଂଗ୍ରେସ ମେଣ୍ଟ ହେବା ନେଇ ଆଭାସ ମିଳିଥିଲା। ନିଜେ ପିସିସି ସଭାପତି ଭକ୍ତ ଚରଣ ଦାସ ବି ଆଶାବାଦୀ ଥିଲେ। ହେଲେ ଏବେ ବିଜେଡ଼ି-ବିଜେପି ମଧ୍ୟରେ ଉପରସ୍ତରରେ ଭିତିରିଆ ବୁଝାମଣା ଥିବା ଚର୍ଚ୍ଚା ହେଉଛି। ସେଇଥିପାଇଁ ତ ବିଜେଡ଼ି ମୋଦି ସରକାରଙ୍କ ଉପରେ ପଦୁଟିଏ ବି କହୁନି ବୋଲି ଚର୍ଚ୍ଚା ହେଉଛି।**

ଦେଖନ୍ତୁ, ଓଡ଼ିଶାର ସ୍ୱାର୍ଥ ପାଇଁ ଯାହା ଦରକାର ନବୀନ ବାବୁ କରୁଥିଲେ, କରୁଛନ୍ତି ଓ କରିବେ ମଧ୍ୟ। ଗୋଟିଏ ଆଞ୍ଚଳିକ ଦଳ କିଭଳି ପରିଚାଳନା ହୁଏ ତାହର ମଡ଼େଲ ହେଉଛନ୍ତି ନବୀନ ବାବୁ। ବିଜେଡ଼ି ସବୁବେଳେ ରାଜ୍ୟ ସ୍ୱାର୍ଥକୁ ହିଁ ସମର୍ଥନ କରିଆସୁଛି। ଓଡ଼ିଶା ସ୍ୱାର୍ଥ ବିରୋଧୀ କଥା ଆସିଲେ ବିଜେଡ଼ି ବିରୋଧ କରିବାର ଗଦାଗଦା ନଜିର ରହିଛି। ବିଜେଡ଼ିର ମାଲିକ ହେଉଛନ୍ତି ଓଡ଼ିଶାବାସୀ। ନବୀନ ବାବୁ ସବୁବେଳେ କହି ଆସିଛନ୍ତି ଓଡ଼ିଶାବାସୀ ମୋ ପରିବାର। ଓଡ଼ିଶାବାସୀଙ୍କ ଦଳ, ବିଜୁ ଜନତା ଦଳ।

**କଟକ ମୋ ଜନ୍ମଭୂମି, ଭୁବନେଶ୍ୱର ମୋ କର୍ମଭୂମି**

**ବିଜେଡ଼ି ପାଇଁ ଓଡ଼ିଶା ଫାଷ୍ଟ**

**? ସମସ୍ତେ କହୁଛନ୍ତି ଜେନ୍-ଜୀ, ଜେନ୍-ଜୀ। ୨୦୨୯ରେ ବି ଏହି ବର୍ଗର ଭୋଟର ଏକ ବଡ଼ ଭୂମିକା ଗ୍ରହଣ କରିବେ। ଜେନ୍-ଜୀ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜୁ ଯୁବ ଜନତା ଦଳ କି ଯୋଜନା କରିଛି?**

ଜେନ୍-ଜୀ ହେଉଛନ୍ତି ଏକ ମାନସିକ ଅବସ୍ଥା। ମାନସିକସ୍ତରରେ ନବୀନ ବାବୁ ମଧ୍ୟ ଜେନ୍-ଜୀ। ଯିଏ ଲଢ଼େଇ କରିବ ସେମାନଙ୍କ ପ୍ରତି ଲୋକେ ଆକୃଷ୍ଟ ହୋଇଥା'ନ୍ତି। ଜେନ୍-ଜୀମାନେ ହେଉଛନ୍ତି ସରକାର ଓ ବ୍ୟବସ୍ଥାର ବିରୋଧୀ। ସେମାନଙ୍କ ମତାମତକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବିରୋଧୀ ଦଳରେ ଥିବାରୁ ଆମ ସହ ଜେନ୍-ଜୀମାନେ ରହିଛନ୍ତି। କାହିଁକିନା ସେମାନଙ୍କ ସ୍ୱାର୍ଥ କଥା ଆମେ ଉଠାଉଛୁ, ସେମାନଙ୍କ ହକ୍ ପାଇଁ ଲଢ଼େଇ କରବାକୁ ଆମେ ଆଗକୁ ବାହାରୁଛୁ।

**? ସତ କହିବେ, ଆପଣ ଯେଉଁ ଢଙ୍ଗରେ ବିଜୁ ଯୁବ ଜନତା ଦଳର ରଣନୀତି କରି ସଂଗଠନକୁ ଚଳଚଞ୍ଚଳ କରିବାକୁ ଚାହୁଁଛନ୍ତି, ସେମିତି କରିପାରୁଛନ୍ତି ନା ନବୀନ ନିବାସର ନିର୍ଦ୍ଦେଶ ଅନୁସାରେ ହିଁ ଚାଲିବାକୁ ବାଧ ହେଉଛନ୍ତି ?**

ଦେଖନ୍ତୁ ନବୀନ ବାବୁ ଯେଉଁ ନେତାଙ୍କୁ ଯେଉଁ ଦାୟିତ୍ୱ ଦିଅନ୍ତି, ଫ୍ରିହ୍ୟାଣ୍ଡରେ ହିଁ ଦିଅନ୍ତି। ସ୍ୱାଭାବିକ ଭାବେ ମୋତେ ବି ମୁକ୍ତ ରଣନୀତିର ସୁଯୋଗ ଦିଆଯାଉଛି। ଆମେ ବି ପରିପକ୍ୱ ରାଜନୀତିକ ଖେଳାଳୀ। ଆମ ନେତାଙ୍କ ଆଦର୍ଶ, ରଣନୀତିକୁ ଆଖିଆଗରେ ରଖି ଆମେ ଆମର କାର୍ଯ୍ୟକଳାପ କରୁଛୁ। ଶୃଙ୍ଖଳାର ପରିଧି ଭିତରେ ରହି ମୁଁ କାମ କରୁଛି। ଉଦାହରଣ ସ୍ୱରୂପ; କଂଗ୍ରେସ ଯାହା କରିବ, ଆମେ କରିପାରିବୁନି। ନବୀନଙ୍କ ଚିନ୍ତାଧାରା ହେଉଛି ପ୍ରଗତିଶୀଳ ବିଚାର। ସେ ହିଂସାରେ ବିଶ୍ୱାସ କରନ୍ତିନି। ଆମେ ପୋଡ଼ିବା, ଜାଳିବା, ଭାଙ୍ଗିବାରେ ବିଶ୍ୱାସ କରୁନାହୁଁ। ଲକ୍ଷ୍ମଣରେଖା ଭିତରେ ହିଁ ରହୁଛୁ। ନବୀନ ବାବୁ କେବେବି ଚାପ ପକାନ୍ତି ନାହିଁ। ବିରୋଧୀ ଦଳରେ ରହି, ଆଇନ୍‌କୁ ହାତକୁ ନନେଇବି ଆମେ ଆନ୍ଦୋଳନରେ ସଫଳ ହୋଇଛୁ।

**ଆମ ସହ ଅଛନ୍ତି ଜେନ୍-ଜୀ**

**? ଚିନ୍ମୟ ସାହୁଙ୍କ ଦୃଷ୍ଟିରେ ସ୍ୱପ୍ନର ଓଡ଼ିଶା...**

ମୁଁ ହେଉଛି ଜଗନ୍ନାଥଙ୍କ ପରମ ଭକ୍ତ। ମୋ ସ୍ୱପ୍ନର ଓଡ଼ିଶା ହେଉଛି, ଜଗନ୍ନାଥ ସଂସ୍କୃତି, ଚେତନା ସମସ୍ତଙ୍କ ପାଖରେ ପହଁଚାଇବା। ଆମ ରାଜ୍ୟ ଖଣିଜ ସମ୍ପଦରେ ଭରା। ଆମ ପିଲାମାନେ କାହିଁକି ଗରିବ ହୋଇ ରହିବେ। ଆର୍‌ଥିକ ସ୍ୱଚ୍ଛଳତା ହେବାର ଆବଶ୍ୟକତା ରହିଛି। ପିଲାମାନେ ଚାକିରୀ ପଛରେ ଧାଇଁବା ଦରକାର ନାହିଁ। ବରଂ ସେମାନେ ନିଯୁକ୍ତି ଦାତା ହେବା ଦରକାର। ପିଲାମାନେ ଉଦ୍ୟୋଗୀ ହେବେ, ସେମାନଙ୍କ ପାଖରେ ଟଙ୍କା ରହିବ। ଆମ ରାଜ୍ୟରେ ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ଏହା ଟୁରିଷ୍ଟ ହବ୍‌ରେ ପରିଣତ ହୋଇପାରିବ। ଆମ ରାଜ୍ୟରେ ବହୁ ପ୍ରତିଭା ରହିଛନ୍ତି। ଖେଳାଳୀ, କଳାକାର, ଶିକ୍ଷାବିତ୍ ମାନେଅଛନ୍ତି। ସେମାନଙ୍କୁ ଆଗଧାଡ଼ିକୁ ଆଣିବା ମୋର ଲକ୍ଷ୍ୟ। ଦାଦନ ମୁକ୍ତ ଓଡ଼ିଶା ଗଠନ ମଧ୍ୟ ଆମର ସ୍ୱପ୍ନ। ଆମ ରାଜ୍ୟ ଖଣିଜସମ୍ପଦରେ ଭରା, ହେଲେ ରାଜ୍ୟ କାହିଁକି ଗରିବ ହୋଇ ରହିବ। ଆମକୁ ସେମିତି ମଡ଼େଲ ସୃଷ୍ଟି କରିବାକୁ ପଡ଼ିବ। ଯୁବକମାନେ କାହା ଦୟାର ପାତ୍ର ହେବେନି। ସେମାନେ ଆର୍ଥିକ ସ୍ୱାବଲମ୍ବୀ ହେଲେ ଓଡ଼ିଶା ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ।

**ବହୁବାର ବରଯାତ୍ରୀ ଯାଇଛି, ହେଲେ ବର ହେବାର ସୁଯୋଗ ମିଳିନି**

ଗର୍ବିତ ଓଡ଼ିଆ

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଶକ୍ତିଶାଳୀ ପ୍ରତ୍ୟାବର୍ତ୍ତନ



**ପର୍ଶୁରାମ ଦାସ**
ସମ୍ପାଦକ, ପୂର୍ବପକ୍ଷ

ଭାରତୀୟ ରାଜନୀତିରେ ମନ୍ତ୍ରୀମାନଙ୍କ ଇସ୍ତଫାର ଏକ ଦୀର୍ଘ, ଚର୍ଚ୍ଚିତ ଏବଂ ନାଟକୀୟ ଇତିହାସ ରହିଛି। କେତେବେଳେ ନୈତିକତାର ଦ୍ୱାହି ଦେଇ ମନ୍ତ୍ରୀ ନିଜେ ପଦ ଛାଡ଼ନ୍ତି ତ ଆଉ କେତେବେଳେ ସରକାରଙ୍କୁ ସଙ୍କଟରୁ ବଞ୍ଚାଇବା ପାଇଁ ବଳିପଡ଼ନ୍ତି। ଏହି କ୍ରମରେ ସବୁଠାରୁ ତାଜା ଉଦାହରଣ ହେଉଛି କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା। କିନ୍ତୁ ପ୍ରଶ୍ନ ହେଉଛି- ଧର୍ମେନ୍ଦ୍ର ପ୍ରଧାନଙ୍କର ଏହି ଇସ୍ତଫା କ'ଣ ତାଙ୍କ ରାଜନୈତିକ କ୍ୟାରିଅରର ଶେଷ? ନା ଏହା ଏକ ବଡ଼ ରଣନୀତିର ପ୍ରଥମ ପଦକ୍ଷେପ?

ଇତିହାସ କହୁଛି, ଯେଉଁ ନେତାମାନେ ସରକାରଙ୍କୁ ବଞ୍ଚାଇବା ପାଇଁ ବଳିଦାନ ଦିଅନ୍ତି, ସେମାନଙ୍କର ପ୍ରତ୍ୟାବର୍ତ୍ତନ ଆହୁରି ଶକ୍ତିଶାଳୀ ଢଙ୍ଗରେ ହୁଏ। ଭାରତୀୟ ରାଜନୀତିର ଇତିହାସରେ ଇସ୍ତଫା ପରେ ବି ଯେଉଁ ନେତାମାନେ ଫେରିଛନ୍ତି ଆଉ ଦେଶର ଭାଗ୍ୟ ବଦଳାଇଛନ୍ତି, ସେ ସମ୍ପର୍କରେ ଆମର ରିପୋର୍ଟ।

## ଲାଲ ବାହାଦୂର ଶାସ୍ତ୍ରୀ

ଡିସେମ୍ବର ୧୯୫୬। ସେତେବେଳେ ଦେଶର ରେଳମନ୍ତ୍ରୀ ଥିଲେ ଲାଲବାହାଦୁର ଶାସ୍ତ୍ରୀ। ଆରିୟାଲୁରଠାରେ ଏକ ଭୟଙ୍କର ରେଳ ଦୁର୍ଘଟଣା ଘଟିଲା, ଯେଉଁଥିରେ ୧୪୪ ଜଣ ନିରୀହ ଲୋକ ପ୍ରାଣ ହରାଇଲେ। ଶାସ୍ତ୍ରୀଜୀ କୌଣସି ବାହାନା କଲେନାହିଁ। ସେ ସିଧାସଳଖ ନିଜ ଉପରକୁ ନୈତିକ ଦାୟିତ୍ୱ ନେଲେ ଏବଂ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଇସ୍ତଫାପତ୍ର ବଢାଇ ଦେଲେ।

ଶାସ୍ତ୍ରୀଜୀ କହିଥିଲେ, "ମୋତେ ପଶ୍ଚାତ୍ତାପ କରିବାକୁ ସୁଯୋଗ ଦିଅନ୍ତୁ।" ନେହେରୁ ସେହି ଇସ୍ତଫା ଗ୍ରହଣ କଲେ। ଆଉ ସେହିଦିନଠାରୁ ଭାରତୀୟ ରାଜନୀତିରେ 'ନୈତିକ ଇସ୍ତଫା'ର ଏକ ସ୍ୱର୍ଣ୍ଣିମ ମାନଦଣ୍ଡ ସୃଷ୍ଟି ହେଲା। କିନ୍ତୁ ଆପଣ ଜାଣନ୍ତି କି? ମାତ୍ର କିଛି ମାସ ପରେ, ୧୯୫୭ ମସିହାରେ ନେହେରୁ ପୁଣିଥରେ ଶାସ୍ତ୍ରୀଜୀଙ୍କୁ କ୍ୟାବିନେଟ୍‌କୁ ଫେରାଇ ଆଣିଲେ। ଆଉ ପରବର୍ତ୍ତୀ ସମୟରେ ସେହି ଶାସ୍ତ୍ରୀଜୀ ଭାରତର ପ୍ରଧାନମନ୍ତ୍ରୀ ହୋଇ ଦେଶକୁ ନୂଆ ଦିଗଦର୍ଶନ ଦେଲେ।

## ଟିଟି କୃଷ୍ଣମାଚାରୀ

୧୯୫୮ର 'ମୁନ୍ଦ୍ରା ସ୍କାମ୍' କଥା ମନେ ପକାନ୍ତୁ। ସେତେବେଳର ଅର୍ଥମନ୍ତ୍ରୀ ଟି. ଟି. କୃଷ୍ଣମାଚାରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏଲଆଇସି ଟଙ୍କାରେ ଏକ ବୁଡ଼ିଯାଉଥିବା କମ୍ପାନୀର ଶେୟାର କିଣାଯିବା ଅଭିଯୋଗରେ ତଦନ୍ତ କମିଶନ ତାଙ୍କୁ ଦାୟୀ କରିଥିଲେ। ସେହି ମାମଲାରେ ସରକାରଙ୍କ ପାଖରେ ଅନ୍ୟ କୌଣସି ବାଟ ନ ଥିଲା। ପରେ ସେ ନେହେରୁଙ୍କ ମନ୍ତ୍ରୀମଣ୍ଡଳକୁ ପୁଣି ଫେରିଥିଲେ।

## ମାଧବରାଓ ସିନ୍ଧିଆ

୧୯୯୩ରେ, ମାଧବରାଓ ସିନ୍ଧିଆ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିଲେ। ସେହି ସମୟରେ ଏକ ଭଡ଼ା ବିମାନ ଦୁର୍ଘଟଣାଗ୍ରସ୍ତ ହେଲା। କାହାରି ଜୀବନ ଯାଇନଥିଲା, ତଥାପି ସିନ୍ଧିଆ ନୈତିକତା ଦେଖାଇ ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓଙ୍କୁ ଇସ୍ତଫା ଦେଲେ। ନରସିଂହ ରାଓ ମୁହଁରେ କହିଲେ, 'ଏହାର କ'ଣ ଦରକାର ଥିଲା?' କିନ୍ତୁ ସିନ୍ଧିଆ ଘରେ ପହଞ୍ଚିବା ପୂର୍ବରୁ ଟିଭିରେ ଖବର ଚାଲିସାରିଥିଲାଯେ, ରାଷ୍ଟ୍ରପତି ତାଙ୍କ ଇସ୍ତଫା ମଞ୍ଜୁର କରିଦେଇଛନ୍ତି। ଏମିତି ସମୟ ଆସିଲା ସିନ୍ଧିଆ ପୁଣି ମନ୍ତ୍ରୀମଣ୍ଡଳକୁ ଫେରିବା ସହ ପ୍ରଧାନମନ୍ତ୍ରୀ ରେସ୍‌ରେ ବି ରହିଥିଲେ।

## ଶିବରାଜ ପାଟିଲ୍

ସବୁ ଇସ୍ତଫା ନୈତିକତା ପାଇଁ ହୋଇନଥାଏ। କିଛି ଇସ୍ତଫା ପ୍ରଶାସନିକ ବିଫଳତାକୁ ଢାଙ୍କିବା ପାଇଁ ହୋଇଥାଏ। ୨୦୦୮ର ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ କଥା ସମସ୍ତଙ୍କର ମନେଥିବ। ସେତେବେଳର ଗୃହମନ୍ତ୍ରୀ ଥିଲେ ଶିବରାଜ ପାଟିଲ। ଜାତୀୟ ସଙ୍କଟ ସମୟରେ ଏନଏସଜି କମାଣ୍ଡୋମାନେ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ, କାରଣ ଗୃହମନ୍ତ୍ରୀ ନିଜେ ସେହି ବିମାନରେ ଯିବାକୁ ଚାହୁଁଥିଲେ। ଏହି ଅକ୍ଷମଣୀୟ ବିଳମ୍ବ ପାଇଁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। କିନ୍ତୁ ଦୁଃଖର କଥା, କିଛି ମାସ ପରେ ତାଙ୍କୁ ରାଜ୍ୟପାଳ ପଦବୀ ଦେଇ ପୁରସ୍କୃତ କରାଗଲା।

## ଶିଖ୍ ବିରୋଧୀ ଦଙ୍ଗା

ଅନ୍ୟପଟେ, ୧୯୮୪ର ଶିଖ୍ ବିରୋଧୀ ଦଙ୍ଗାକୁ ଦେଖନ୍ତୁ। ୩ ହଜାରରୁ ଅଧିକ ନିରୀହ ଶିଖ୍‌ଙ୍କୁ ଜୀବନ୍ତ ଜଳାଇ ଦିଆଗଲା। ଦିଲ୍ଲୀରେ ସେନା ଛାଉଣୀ ଥାଇ ମଧ୍ୟ ଦୁଇଦିନ ଯାଏଁ ସେନାକୁ ଓହ୍ଲାଗଲା ନାହିଁ। ପୁଲିସ ଗୋଟିଏ ବି ଗୁଳି ଚଳାଇଲା ନାହିଁ। ଏହା ଥିଲା ସ୍ୱାଧୀନ ଭାରତର ସବୁଠାରୁ ବଡ଼ ପ୍ରଶାସନିକ ନିଷ୍କ୍ରିୟତା। ସେତେବେଳର ଗୃହମନ୍ତ୍ରୀ ପି. ଭି. ନରସିଂହ ରାଓ କିମ୍ବା ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ— କେହି ବି ଇସ୍ତଫା ଦେଇନଥିଲେ!

## ଗୁଲଜାରୀଲାଲ ନନ୍ଦା

ଆଉ ଗୋଟିଏ ଉଦାହରଣ— ୧୯୬୬ ମସିହାରେ ଯେତେବେଳେ ଗୋ-ରକ୍ଷା ଆନ୍ଦୋଳନକାରୀ ସାଧୁସନ୍ଥମାନେ ସଂସଦ ଆଡ଼କୁ ବଢ଼ିଲେ, ସରକାର ଗୁଳିଚାଳନା କଲେ। ହଙ୍ଗାମା ହେବା ପରେ ଗୃହମନ୍ତ୍ରୀ ଗୁଲଜାରୀଲାଲ ନନ୍ଦାଙ୍କ ଇସ୍ତଫା ନିଆଗଲା। କିନ୍ତୁ ସେହି ନନ୍ଦାଜୀ ପରବର୍ତ୍ତୀ ସମୟରେ ଦୁଇ ଦୁଇ ଥର ଭାରତର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ହୋଇଥିଲେ।

### ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

## ବଳିଦାନ ନା ରାଜନୈତିକ ଚାଲ୍?

ପ୍ରଶ୍ନପତ୍ର ପ୍ରଘଟ କିମ୍ବା ପେପର ଲିକ୍ ବିବାଦକୁ ନେଇ ଯେଉଁଭଳି ଭାବେ ଛାତ୍ର ଆନ୍ଦୋଳନକୁ ଉସୁକା ଯାଉଥିଲା, ସଂସଦ ଭିତରକୁ ପଶି ହଙ୍ଗାମା କରିବାର ଯୋଜନା ଚାଲିଥିଲା, ସେଠାରେ ସରକାରଙ୍କ ଆଗରେ ଦୁଇଟି ରାସ୍ତା ଥିଲା।

ପ୍ରଥମ- ସରକାର କଠୋର ଆକ୍ସନ୍ ନେବେ, ପୁଲିସ ବଳପ୍ରୟୋଗ କରିବ, ଗୁଳିଚାଳନା ହେବ। ଆଉ ବିରୋଧୀ ଚାହୁଁଥିଲେଯେ, ସରକାର ଗୁଳି ଚଳାନ୍ତୁ, ଯାହାଦ୍ୱାରା ସାରା ଦେଶରେ ଅରାଜକତା ସୃଷ୍ଟି ହେବ।

ଦ୍ୱିତୀୟ- ଏହି ଚକ୍ରବ୍ୟୁହକୁ ଭାଙ୍ଗିବା ପାଇଁ ଏକ କୌଶଳଗତ ସମାଧାନ ବାହାର କରିବା।

ଧର୍ମେନ୍ଦ୍ର ପ୍ରଧାନ ନିଜ ଇସ୍ତଫା ପତ୍ରରେ କେଉଁଠି ବି ଲେଖିନାହାନ୍ତି ଯେ, "ଏହି ଗୋଳମାଳ ପାଇଁ ମୁଁ ବ୍ୟକ୍ତିଗତ ଭାବେ ଦାୟୀ।" ସେ ସ୍ପଷ୍ଟ ଭାବେ ଲେଖିଛନ୍ତି- "ଦେଶର ଛାତ୍ରଛାତ୍ରୀମାନଙ୍କୁ ଯେପରି ଭ୍ରମିତ ଓ ନିରାଶ କରାନଯାଏ, ସେମାନଙ୍କ ହିତ ପାଇଁ ମୁଁ ନିଜ ପଦରୁ ଇସ୍ତଫା ଦେଉଛି।" ଏହା କୌଣସି ଅପରାଧର ସ୍ୱୀକାରୋକ୍ତି ନଥିଲା, ଏହା ଥିଲା ସରକାର ଓ ଦଳକୁ ଏକ ବଡ଼ ସଙ୍କଟରୁ ରକ୍ଷା କରିବା ପାଇଁ ଦିଆଯାଇଥିବା ଏକ 'ରାଜନୈତିକ ବଳିଦାନ'।

ଯଦି କେହି ଭାବୁଥାନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦଳ ବିପଦକୁ ଠେଲିଦେଲା କିମ୍ବା ତାଙ୍କ ରାଜନୈତିକ କ୍ୟାରିଅର ଶେଷ ହୋଇଗଲା, ତେବେ ସେମାନେ ରାଜନୀତିର 'କ' 'ଖ' ବି ଜାଣିନାହାନ୍ତି। ଇତିହାସ ପ୍ରମାଣ ଦେଉଛି- ଯେତେବେଳେ ଦଳର ସଙ୍କଟମୋଚକ ସାଜି କେହି ପଦ ତ୍ୟାଗ କରେ, ଦଳ ତାଙ୍କୁ ଆହୁରି ବଡ଼ ଦାୟିତ୍ୱ ଦେଇ ଫେରାଇ ଆଣେ। ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟାବର୍ତ୍ତନ ଅବଶ୍ୟମ୍ଭାବୀ, ଏହା ନିଶ୍ଚିତ! ସ୍ଥିତି ଶାନ୍ତ ହେବା ପରେ, କ୍ୟାବିନେଟ୍ ସମ୍ପ୍ରସାରଣ ସମୟରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ କୌଣସି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ (ଯେପରିକି ପେଟ୍ରୋଲିୟମ୍ କିମ୍ବା ଭାରୀ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଭାଗ) ଦେଇ କେନ୍ଦ୍ରକୁ ଫେରାଇ ଅଣାଯାଇପାରେ। ଓଡ଼ିଶାରେ ବିଜେପି ସରକାର ରହିଛି। ଦଳ ପାଖରେ ଓଡ଼ିଶାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଶକ୍ତିଶାଳୀ, ଅଭିଜ୍ଞ ଏବଂ ସର୍ବମାନ୍ୟ ଚେହେରା ଆଉ କେହି ନାହାନ୍ତି। ଭବିଷ୍ୟତରେ ଓଡ଼ିଶା ରାଜନୀତିର କମାଣ ସିଧାସଳଖ ଧର୍ମେନ୍ଦ୍ରଙ୍କ ହାତକୁ ଯିବା ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇନପାରେ! ଦଳ ଓ ସରକାର ଭଲ ଭାବେ ଜାଣିଛନ୍ତି ଯେ, ଏକ ବଡ଼ ସଙ୍କଟକୁ ଏଡ଼ାଇବା ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଳି ଦେବାକୁ ପଡ଼ିଥିଲା। ତେଣୁ ତାଙ୍କ ବିରୋଧରେ କୌଣସି ଆକ୍ସନ୍ ନୁହେଁ, ବରଂ ତାଙ୍କୁ ଆହୁରି ବଡ଼ ପୁରସ୍କାର ମିଳିବାକୁ ଯାଉଛି।

# ହକିରେ 'ରାଜନୀତି' ରଙ୍ଗ

ହଠାତ ବଦଳିଗଲା ଭାରତୀୟ ହକି ଖେଳାଳୀଙ୍କ ଜର୍ସିର ରଙ୍ଗ। ଆଗରୁ ଉଭୟ ପୁରୁଷ ଓ ମହିଳା ହକି ଖେଳାଳୀ ନୀଳ ରଙ୍ଗର ଜର୍ସି ପିନ୍ଧୁଥିବା ବେଳେ ଏବେ ପିନ୍ଧିବେ ଗେରୁଆ ରଙ୍ଗର ପୋଷାକ। ହକି ଇଣ୍ଡିଆ ଏ ନେଇ ଘୋଷଣା କରିବା ପରେ ଏବେ ସାରା ଦେଶରେ ଆରମ୍ଭ ହୋଇଯାଇଛି ବିତର୍କ। କେନ୍ଦ୍ରରେ ଥିବା ବିଜେପି ସରକାର ଗେରୁଆ ରଙ୍ଗକୁ ପ୍ରାଧାନ୍ୟ ଦେଉଥିବା ଅଭିଯୋଗ କରିଛନ୍ତି ବିରୋଧୀ। ବିରୋଧୀଙ୍କ ମତରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ବା ଆରଏସଏସ ନିଜର ପତାକା ଠାରୁ ଆରମ୍ଭ କରି ନିଜର ଅନ୍ୟ ସମସ୍ତ ସଙ୍କେତରେ ଗେରୁଆ ରଙ୍ଗ ବ୍ୟବହାର କରୁଥିବାରୁ ବିଜେପି ସରକାର ଦେଶକୁ ଗୈରିକିକରଣ କରିବାକୁ ଚେଷ୍ଟା କରୁଛନ୍ତି। ଭାରତୀୟ ହକି ଯେତେବେଳେ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିଲା ସେତେବେଳେ ଏହା ପାଇଁ ଅଣ୍ଟା ଭିଡ଼ିଥିଲେ ଓଡ଼ିଶା ସରକାର। ତେଣୁ ଏହି ରଙ୍ଗ ରାଜନୀତିରୁ ଓଡ଼ିଶା ବା ବାଦ ପଡ଼ିବ କେମିତି ?

ଜର୍ସିର ରଙ୍ଗ ବଦଳୁ ବଦଳୁ ଏହାକୁ ନାପସନ୍ଦ କଲେ ନବୀନ ପଟ୍ଟନାୟକ। ସୋସିଆଲ ମିଡିଆରେ ଏହା ଭାରତୀୟଙ୍କ ଭାବାବେଗ ସହ ଖେଳ ବୋଲି ଅଭିହିତ କଲେ। ତାଙ୍କର କହିବା କଥା ଦଶନ୍ଧି ଦଶନ୍ଧି ଧରି ଆମ ଟିମ ପିନ୍ଧୁଥିବା ବ୍ଲୁ ଜର୍ସି ଆମ କ୍ରୀଡ଼ାପ୍ରେମୀଙ୍କୁ ଏକଜୁଟ କରି ରଖିଥିଲା।




ବିଜୟ ପରାଜୟ ଭିତରେ ଆମ ପାଇଁ ଆଶା ସଞ୍ଚାର କରୁଥିଲା। ସାରା ଦେଶବାସୀ ମେନ ଇନ ବ୍ଲୁଙ୍କ ପଛରେ ଛିଡ଼ା ହେଉଥିଲେ। ଆଉ ଏହି ନୀଳ ରଙ୍ଗ ଆମ ଜାତୀୟ ପତାକାରେ ଥିବା ଅଶୋକ ଚକ୍ରକୁ ସୂଚିତ କରୁଥିଲା। ଖାଲି ଏତିକି ନୁହେଁ ଏହି ରଙ୍ଗ ବଦଳ ପଛରେ ଓଡ଼ିଶା ବିଜେପି ସରକାରର ଚକ୍ରାନ୍ତ ଥିବା ମଧ୍ୟ ନବୀନ ଆକ୍ଷେପ କରିଛନ୍ତି। କହିଛନ୍ତି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଜେପି ସରକାର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରିବାରେ ବ୍ୟସ୍ତ। ଯେହେତୁ ଓଡ଼ିଶା ଏବେ ମଧ୍ୟ ହକି ଇଣ୍ଡିଆର ପ୍ରାୟୋଜକ ଅଛି ତେଣୁ ଏହି ଗେରୁଆ ରଙ୍ଗ ପଛରେ ରାଜ୍ୟ ବିଜେପି ସରକାରର ହାତ ରହିଛି। ଏହି ନିଷ୍ପତ୍ତିକୁ ସେ ଦୃଢ ବିରୋଧ ମଧ୍ୟ କରିଛନ୍ତି।

ନବୀନଙ୍କ ଏହି ବିରୋଧ ଏବେ ଜାତୀୟ ସ୍ତରରେ ମଧ୍ୟ ଆଲୋଚନାର ବିଷୟ ପାଲଟିଛି। ରାଜଦୀପ ସରଦେଶାଇଙ୍କ ଭଳି ସାମ୍ବାଦିକ ବି ନବୀନଙ୍କ ଉଦବେଗକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଯିଏ ବୁଡ଼ିଯାଉଥିବା ଭାରତୀୟ ହକିକୁ ହାତ ବଢାଇ ପୁଣି ତାର ହୃତଗୌରବ ଫେରାଇ ଆଣିଛନ୍ତି ତାଙ୍କ କଥାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଗୋଟେ ପଟେ ଅନେକ ବୁଦ୍ଧିଜୀବୀ ଏହି ରଙ୍ଗ ବଦଳାକୁ ନାପସନ୍ଦ କରୁଥିବା ବେଳେ ବିଜେପିର କିଛି ନେତା କିନ୍ତୁ ଏହାର ସମର୍ଥନରେ ଆଗକୁ ଆସିଛନ୍ତି।

ହକିକୁ ଭାରତର ଜାତୀୟ କ୍ରୀଡ଼ା କୁହାଯାଉଛି। କିନ୍ତୁ ଏ ନେଇ କୌଣସି ସରକାରୀ ମାନ୍ୟତା ମିଳିନାହିଁ। ଦିନ ଥିଲା ଭାରତୀୟ ହକି ସମଗ୍ର ବିଶ୍ୱରେ ନିଜର ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୯୨୮ରୁ ୧୯୫୬ ମସିହା ଭିତରେ ହକିରେ ଭାରତ ଲଗାତର ଭାବେ ୬ଥରକୁ ମିଶାଇ ମୋଟ ୮ ଥର ଅଲିମ୍ପିକ ଚମ୍ପିୟାନ ହେବା ପରେ ଏହି ଖେଳକୁ ଜାତୀୟ ଖେଳ କୁହାଯାଉଥିଲା। କିନ୍ତୁ ବିଗତ କିଛି ଦଶନ୍ଧି ଧରି ଭାରତୀୟ ହକି ତାର ପୂର୍ବ ଗୌରବ ହରାଇସାରିଥିଲା। ଏପରିକି ହକି ଇଣ୍ଡିଆ ପାଖରେ ପାଣ୍ଠିର ଅଭାବ ମଧ୍ୟ ଦେଖାଯାଇଥିଲା। ୨୦୧୮ରେ ଏହାକୁ ପୁଣି ସଞ୍ଜିବନୀ ଦେଇଥିଲେ ଓଡ଼ିଶାର ତତ୍କାଳୀନ ବିଜେଡି ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଭାରତୀୟ ହକିର ପ୍ରାୟୋଜକ ସାଜି ରାଜ୍ୟରେ ଦୁଇ ଦୁଇ ଥର ବିଶ୍ୱକପ ଆୟୋଜନ କରି ପ୍ରଶଂସା ସାଉଁଟିଥିଲେ। ଗୋଟେ ପ୍ରକାର କହିବାକୁ ଗଲେ ଭାରତୀୟ ହକିକୁ ପରିଚାଳନା କରୁଥିଲା ଆମ ରାଜ୍ୟ ଓଡ଼ିଶା।

ଓଡ଼ିଆ ପୁଅ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବେ ହକି ଇଣ୍ଡିଆର ସଭାପତି ଅଛନ୍ତି। ତେବେ ଦିଲୀପ ଏ ବାବଦରେ ପ୍ରଥମେ କହିଥିଲେଯେ, ହକି ଖେଳାଯାଉଥିବା ପଡ଼ିଆ ବା ଟର୍ଫର ରଙ୍ଗ ମଧ୍ୟ ନୀଳ ହୋଇଥିବାରୁ ଏମିତି ନିଷ୍ପତ୍ତି ନିଆଯାଇଛି। ଖେଳାଳୀ, କୋଚ ଓ ମ୍ୟାନେଜମେଣ୍ଟର ଜାଣତରେ ଏହି କାର୍ଯ୍ୟ କରାଯାଇଛି। ହଳଦିଆ ଓ ଅରେଞ୍ଜ ରଙ୍ଗ କରିବାକୁ ପ୍ରସ୍ତାବ ଆସିଥିଲା। ଜାତୀୟ ପତାକାରେ ଅରେଞ୍ଜ ଥିବାରୁ ଏହାକୁ ଏଭଳି ରଙ୍ଗ କରାଯାଇଛି। ଏଥିରେ ରାଜନୈତିକ ଚାପ ନାହିଁ ବୋଲି ସେ ପ୍ରଥମେ କହିଥିଲେ। ସେ ଏବେ ବିଜେଡ଼ିରେ ଥିବାବେଳେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଭିନ୍ନ ମତପୋଷଣ କରିଛନ୍ତି। ପରେ ବୋଧହୁଏ ଚାପରେ ଦିଲୀପ ହକି ଇଣ୍ଡିଆକୁ ଜର୍ସି ରଙ୍ଗ ପରିବର୍ତ୍ତନ ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି। ହକି ଇଣ୍ଡିଆର ବରିଷ୍ଠ ପଦାଧିକାରୀ ଓ ବୋର୍ଡ ସଦସ୍ୟଙ୍କୁ ଇ-ମେଲ ମାଧ୍ୟମରେ ସ୍ପଷ୍ଟୀକରଣ ମାଗିଛନ୍ତି। ଯାହା ପୁଣି ବିତର୍କ ପାଇଁ ଖୋରାକ ଯୋଗାଇଛି।

## ମୁହଁ ଖୋଲିଲେ ରଞ୍ଜୀବ ବିଶ୍ୱାଳ

# ଓଡ଼ିଶାର ଶିବକୁମାର ରମେଶ ଜେନା





ସାନଖେମୁଣ୍ଡିର ବିଧାୟକ ରମେଶ ଜେନା। କଂଗ୍ରେସର ଜଣେ ଦମଦାର ଚେହେରା ଥିଲେବି ଦଳ ତାଙ୍କୁ ନିଲମ୍ବିତ କରସାରିଛି। କାହିଁକିନା ଦିଲ୍ଲୀପ ରାୟଙ୍କୁ ରାଜ୍ୟସଭା ନିର୍ବାଚନରେ ଭୋଟ୍ ଦେବାପରେ ଦଳ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ନେବା ବି ସ୍ୱାଭାବିକ। ଖାଲି ରମେଶ ନୁହଁନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ମଧ୍ୟ ଦଳରୁ ନିଲମ୍ବିତ ହୋଇଛନ୍ତି। ଏବେ ମହମ୍ମଦ ମୋକିମଙ୍କ ଓଡ଼ିଶା ଜନତା କଂଗ୍ରେସରେ ସୋଫିଆ ପରୋକ୍ଷ ଭାବେ ସଂଗଠନ କରୁଥିବାବେଳେ ଦାଶରଥି ଗମାଙ୍ଗ ନିଜ ନିର୍ବାଚନମଣ୍ଡଳୀରେ ହିଁ ଧ୍ୟାନ ଦେଉଛନ୍ତି। ସେପଟେ ରମେଶ ସାନଖେମୁଣ୍ଡି ଗଡ଼କୁ ମଜବୁତ୍ କରିବାରେ ଲାଗି ପଡ଼ିଛନ୍ତି। କଂଗ୍ରେସ ତାଙ୍କୁ ନିଲମ୍ବିତ କରିଥିଲେବି ରମେଶ ଏବେବି ନିଜକୁ କଂଗ୍ରେସିଆ ଭାବି ସଂଗଠନ କରୁଥିବା ଲକ୍ଷ୍ୟ କରାଯାଉଛି। ସେ ଭଲଭାବେ ଜାଣିଛନ୍ତି, ୨୦୨୯ ବେଳକୁ ଦଳ ତାଙ୍କୁ ନିଶ୍ଚିତ ଖୋଜିବ। ଅବଶ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ସେ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ କ'ଣ ହେବ ତାହା ଏବେଠୁ କହିବା ସମ୍ଭବ ନୁହେଁ।

ଏସବୁ ଭିତରେ ବରିଷ୍ଠ କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳଙ୍କ ଏକ ମନ୍ତବ୍ୟ କଂଗ୍ରେସ ରାଜନୀତିରେ ବିସ୍ଫୋରଣ ସୃଷ୍ଟିକରିଛି। ଏକ ସାକ୍ଷାତକାରରେ ସେ କହିଛନ୍ତିଯେ, ରମେଶ ଜେନା ହେଉଛନ୍ତି ଓଡ଼ିଶାର ଡିକେ ଶିବକୁମାର। ତାଙ୍କର ସାଂଗଠନିକ ଦକ୍ଷତାକୁ ଦଳ ବ୍ୟବହାର କରିବା ଦରକାର। ଏଠାରେ ସୂଚାଇ ଦେବାକୁ ଚାହୁଁଯେ, ଶିବକୁମାର ହେଉଛନ୍ତି କର୍ଣ୍ଣାଟକ କଂଗ୍ରେସର ହେଭିୱେଟ୍ ନେତା। ଏବେ ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଅଛନ୍ତି। ଏମିତିକି ସେ ଜିଦ୍ କରି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କର୍ଣ୍ଣାଟକର ଅଧିକାଂଶ କଂଗ୍ରେସ ବିଧାୟକ ହେଉଛନ୍ତି ତାଙ୍କର ସମର୍ଥକ। ତେଣୁ ଶିବକୁମାରଙ୍କ ସହ ରମେଶଙ୍କୁ ତୁଳନା କରିବା ଛୋଟିଆ କଥା ନୁହେଁ। ଅବଶ୍ୟ ଏହାକୁ ନେଇ ରମେଶ ଜେନାଙ୍କ ସମର୍ଥକମାନେ ଖୁସି ଜାହିର କରିଛନ୍ତି। ସୋସିଆଲ ମିଡ଼ିଆରେ ଟାଇଗର ବୋଲି ଚର୍ଚ୍ଚା ହେଉଛି। ସେପଟେ ଭକ୍ତ ଦାସଙ୍କ ସମର୍ଥକମାନେ ରଞ୍ଜୀବ ବିଶ୍ୱାଳଙ୍କୁ ସମାଲୋଚନା କରିବାରେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି।

ଏଭଳି ଚର୍ଚ୍ଚା ଆଲୋଚନା ଭିତରେ ବଡ଼କଥାଟି ହେଉଛି, ଆଗାମୀ ଦିନରେ କଂଗ୍ରେସର ଅନ୍ୟ ନେତାମାନେ କି ଆଭିମୁଖ୍ୟ ପୋଷଣ କରୁଛନ୍ତି ? ରଞ୍ଜୀବ ବିଶ୍ୱାଳଙ୍କ ମତକୁ ନେଇ କଂଗ୍ରେସ ନେତାମାନେ କିଭଳି ବୟାନବାଜି କରୁଛନ୍ତି ତାହା ଉପରେ ବି ନଜର ରହିବା ସ୍ୱାଭାବିକ। କାହିଁକିନା ରମେଶଙ୍କ ସପକ୍ଷ ବିପକ୍ଷ ବୟାନ ଭିତରେ ଅନେକ କଥା ପଦାକୁ ଆସିବ। ଭକ୍ତ ଦାସ ଏବେବି ରମେଶ ଜେନାଙ୍କୁ ନିଜର ବଡ଼ ଶତ୍ରୁ ଭାବେ ଗ୍ରହଣ କରିଛନ୍ତି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## ବ୍ରହ୍ମଗିରି ରାଜନୀତି

# ଉପାସନାଙ୍କୁ ଅଟକାଇ ପାରିବେକି ସଞ୍ଜୟ ?





**ଭୁବନେଶ୍ୱର:** ଦି ଦି ଥର ବିଧାନସଭା ନିର୍ବାଚନରେ ହାରିବା ପରେ ସଞ୍ଜୟ ଦାସବର୍ମାଙ୍କ ନାକ ନିଶ ତଳେ ପଡ଼ିଯାଇଛି। ସମ୍ପ୍ରତି ଶଙ୍ଖଭବନରେ ସେ ବେଶ୍ ସକ୍ରିୟ ହୋଇଯାଇଛନ୍ତି। ନବୀନ ବାବୁ ବି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ତେଣୁ ୨୦୨୯ରେ ହୃତଗୌରବ ଫେରାଇ ଆଣିବା ପାଇଁ ସେ ବ୍ରହ୍ମଗିରିରେ ଡେରା ପକାଇବା ଆରମ୍ଭ କରିଦେଇଛନ୍ତି। ବିଜେପି ବିଧାୟିକା ଉପାସନା ମହାପାତ୍ର ନିୟମିତ ବ୍ୟବଧାନରେ ବ୍ରହ୍ମଗିରି ମାଡ଼ି ଯାଉଥିବାରୁ ସଞ୍ଜୟ ବି ତାଳଦେଇ ସଂଗଠନ ଜୋରଦାର କରିଛନ୍ତି। ଫଳରେ ବ୍ରହ୍ମଗିରିରେ ପଞ୍ଚାୟତ ନିର୍ବାଚନ ବେଶ୍ ଜମାଣିଆ ହେବା ନିଶ୍ଚିତ। ପୂର୍ବରୁ ସରପଞ୍ଚ କି ସମିତିସଭ୍ୟ ଅବା ଜିଲ୍ଲା ପରିଷଦରେ ବିଜେଡ଼ି ଏକପାଖିଆ ବାଜିମାତ୍ କରିବାର ନଜିର ରହିଛି। ତେଣୁ ଉପାସନାଙ୍କୁ ପଞ୍ଚାୟତ ନିର୍ବାଚନରେ ଚେକ୍ ଦେବା ପାଇଁ ସଂଜୟ ରଣନୀତି କରିଛନ୍ତି।

ଏବେ ଆସିବା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଆଡ଼କୁ। ବ୍ରହ୍ମଗିରି ବ୍ଲକ, କୃଷ୍ଣପ୍ରସାଦ ବ୍ଲକ ଓ ପୁରୀ ସଦର ବ୍ଲକର କିଛି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଗତ ୨୦୦୯ରୁ ଏହି ନିର୍ବାଚନମଣ୍ଡଳୀକୁ ଅନୁଶୀଳନ କଲେ ହାରଜିତ୍‌ର ଫଇସଲା କମ୍ ଭୋଟରେ ହୋଇଆସୁଛି। ୨୦୦୯ରେ ସଂଜୟ ଦାସବର୍ମା ୫ ହଜାର ଭୋଟ୍ ଓ ୨୦୧୪ରେ ମାତ୍ର ଦେଢ଼ ହଜାର ଭୋଟରେ ଜିତିଥିଲେ। ତେବେ ଲୁଲୁ ମହାପାତ୍ରଙ୍କ ଭଳି ହେଭିୱେଟ ନେତାଙ୍କୁ ହରାଇଥିବାରୁ ବିଜେଡ଼ିରେ ତାଙ୍କର କାଟତି ଢ଼େର ବଢ଼ିଯାଇଥିଲା। ୧୯୯୫, ୨୦୦୦ ଓ ୨୦୦୪ରେ ଲୁଲୁ ବ୍ରହ୍ମଗିରିରୁ ହାଟ୍ରିକ ବିଜୟ ହାସଲ କରିଥିଲେ। ତାଙ୍କ ନାଁରେ ହିଁ ଭୋଟ୍ ପଡୁଥିଲା। କଂଗ୍ରେସର ରାଜ୍ୟସ୍ତରୀୟନେତା ହୋଇଥିବାରୁ ସେ ରାଜ୍ୟର ତିନି ଚାରି ଡଜନ ବିଧାନସଭା ନିର୍ବାଚନମଣ୍ଡଳୀରେ ବି ମୁଣ୍ଡ ଖେଳାଉଥିଲେ। ସେ କେବେ ଭାବିନଥିଲେ ବ୍ରହ୍ମଗିରିରେ ସେ ପରାସ୍ତ ହେବେବୋଲି। ହେଲେ ୨୦୦୯ରେ ସୀମା ପୁନଃ ନିର୍ଦ୍ଧାରଣ ତାଙ୍କ ଭୋଟ୍ ଅଙ୍କକୁ ଗଡ଼ବଡ଼ କରିଦେଇଥିଲା। ପରବର୍ତ୍ତୀ ସମୟରେ ଲୁଲୁ ବଡ଼ ଦୁର୍ଘଟଣାର ସାମ୍ନା କରିବାରୁ ଆଉ ସଂଗଠନ କରିପାରିନଥିଲେ। ତେବେ ସେ ଯାହାହେଉନା କାହିଁକି ଲୁଲୁଙ୍କ ପରଲୋକ ପରେ ତାଙ୍କର ପରିବାରବର୍ଗ କଂଗ୍ରେସ ଛାଡ଼ି ବିଜେପିକୁ ପଳାଇଥିଲେ। ଗୋଟିଏ ପଟେ ବ୍ରହ୍ମଗିରିରେ ଲୁଲୁଙ୍କର ଢେର ପକେଟ୍ ଭୋଟ୍ ଥିବାବେଳେ ବିଜେପିର କ୍ରେଜ୍ ବି ବଢ଼ିବା ଆରମ୍ଭ କରିଥିଲା। ଯାହାର ଫଳସ୍ୱରୂପ ଲୁଲୁଙ୍କ ଭାଇ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ବିଜେପି ଟିକେଟରେ ପ୍ରଥମ ଥର ପାଇଁ ବିଧାନସଭାକୁ ଆସିଥିଲେ। ଅବଶ୍ୟ ସେତେବେଳେ ଲୁଲୁଙ୍କ ଝିଅ ଉପାସନାଙ୍କର ନିର୍ବାଚନ ଲଢ଼ିବା ବୟସ ହୋଇନଥିବାରୁ ଲଲାଟେନ୍ଦୁ ନିର୍ବାଚନ ଲଢ଼ିଥିଲେ। ଏମିତିବି ଲୁଲୁ ବଞ୍ôଚଥିବାବେଳେ ତାଙ୍କ ଝିଅଙ୍କୁ ହିଁ ରାଜନୀତିକ ଉତ୍ତରାଧିକାରୀ ଘୋଷଣା କରିଦେଇଥିଲେ। କଲେଜ ପଢ଼ିବା ବେଳୁ ଉପାସନା ତାଙ୍କ ବାପାଙ୍କ ସହ ପ୍ରଚାରରେ ବି ଯାଇଥିଲେ। ୨୦୨୪ରେ ଲୁଲୁଙ୍କ ଝିଅ ବ୍ରହ୍ମଗିରିରୁ ନିର୍ବାଚନ ଲଢ଼ି ସର୍ବକନିଷ୍ଠ ବିଧାୟିକା ହେବାର ସୌଭାଗ୍ୟ ପାଇଛନ୍ତି। ଗତ ନିର୍ବାଚନରେ ସେ ୧୦ ହଜାର ଭୋଟରେ ବାଜିମାତ୍ କରିଛନ୍ତି। ୨୦୦୯ରୁ ଏଯାବତ୍ ତାହା ହେଉଛି ସର୍ବାଧିକ ବିଜୟ ବ୍ୟବଧାନ।

୨୦୧୨, ୨୦୧୭ ଓ ୨୦୨୨ ପଞ୍ଚାୟତ ନିର୍ବାଚନ ପରିଚାଳନାର ଅଭିଜ୍ଞତା ରଖିଛନ୍ତି ସଂଜୟ। ତେବେ ବିଧାୟିକା ହେବାପରେ ପ୍ରଥମ ଥର ପାଇଁ ୨୦୨୭ରେ ସେ ପଞ୍ଚାୟତ ନିର୍ବାଚନର ସାମ୍ନା କରିବେ। ସାଧାରଣ ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ମଧ୍ୟରେ ଫରକ ରହିଛି। କାରଣ ଜିଲ୍ଲା ପରିଷଦ ସିନା ଦଳୀୟ ଚିହ୍ନରେ ଲଢ଼ାହୁଏ, କିନ୍ତୁ ସରପଞ୍ଚ ଓ ସମିତିସଭ୍ୟ କ୍ଷେତ୍ରରେ ଦଳୀୟ ଚିହ୍ନନଥାଏ। ପଞ୍ଚାୟତ ନିର୍ବାଚନରେ ସଠିକ୍ ପ୍ରାର୍ଥୀ ଚୟନ, ଦଳୀୟ ରଣନୀତି ଓ ସାଂଗଠନିକ ଶକ୍ତି ହିଁ ବିଜୟର ପ୍ରମୁଖ ଉପାଦାନ। ୨୦୧୯ ନିର୍ବାଚନରେ ସେଠାରୁ ଲଲାଟେନ୍ଦୁ ଜିତିଥିଲେବି ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ଭଲ ପ୍ରଦର୍ଶନ କରିଥିଲା। ଅବଶ୍ୟ ସେତେବେଳେ ବିଜେଡ଼ିର ସରକାର ଥିଲା। ଏବେ କିନ୍ତୁ ବିଜେପିର ସରକାର ରହିଛି। ଦୁଇ ଦୁଇ ଥର ବିଜେପି ହିଁ ବିଧାନସଭା ନିର୍ବାଚନରେ ଜିତିଆସୁଛି। ଏଭଳି ସ୍ଥିତିରେ ଉପାସନାକୁ ବ୍ଲକ ଦଖଲ ସହ ସଂଖ୍ୟାଧିକ ଜିଲ୍ଲା ପରିଷଦ ଆସନ ହାତେଇବାକୁ ପଡ଼ିବ।

ଗାଏମୋଟ୍ କହିଲେ ଉଭୟ ଉପାସନା ଓ ସଂଜୟଙ୍କ ପାଇଁ ଏହା ସମ୍ମାନର ବିଷୟ। ପଞ୍ଚାୟତ ନିର୍ବାଚନ ଜିତିଲେ ଉପାସନାଙ୍କ ରାଜନୀତିକ କାଟତି ବଢ଼ିବ। ସେହିପରି ପଞ୍ଚାୟତ ନିର୍ବାଚନ ଜିଣି ସାଂଗଠନିକ ଶକ୍ତି ପ୍ରଦର୍ଶନ ମଧ୍ୟ ସଂଜୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଉଭୟଙ୍କ ପାଇଁ କିଛି ପଜିଟିଭ ଓ ନେଗେଟିଭ୍ କାରକ ରହିଛି। ଏଇଯେମିତି ଉପାସନାଙ୍କ ଦଳ ବିଜେପି ଏବେ ସରକାରରେ ରହିଥିଲେବି ଦଳ ପ୍ରତି ସାରା ଓଡ଼ିଶାରେ ଏକ ନକରାତ୍ମକ ନ୍ୟାରେଟିଭ୍ ସୃଷ୍ଟିହୋଇଛି। ତଥାପିବି ପଞ୍ଚାୟତ ନିର୍ବାଚନ ପାଇଁ ଅତିରିକ୍ତ ବଜେଟ୍‌ରେ ମୋହନ ସରକାର କିଛି ବଡ଼ ଘୋଷଣା କରିପାରନ୍ତି। ଯାହାକି ଦଳ ପ୍ରତି ଲୋକଙ୍କ ମନୋଭାବ ବଦଳାଇ ଦେଇପାରିବ। ସେହିପରି ସଂଜୟ ପୂର୍ବରୁ ବିଜେଡ଼ି ବଳରେ ବଳୀୟାର ଥିବାରୁ ସରକାରୀ କଳ, କୌଶଳକୁ ସେ ଉପଯୋଗ କରୁଥିଲେ। କିନ୍ତୁ ଏବେ ସେ ସ୍ଥିତି ନାହିଁ। ବିରୋଧୀ ଭାବେ ସେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଲଢୁଥିବାରୁ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟିକରିବା ସ୍ୱାଭାବିକ।

## ବରଗଡ଼ ଜିଲ୍ଲା ବିଜେଡ଼ି ରାଜନୀତି

# 'ସୁଶାନ୍ତ'ଙ୍କ ଜାଗା ନେବ କିଏ ?



**ଭୁବନେଶ୍ୱର (ଗର୍ବିତ ଓଡ଼ିଆ):** ଏକଦା ବରଗଡ଼ ଥିଲା ବିଜେଡ଼ିର ଗଡ଼। ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି ସବୁଠି ଏକପାଖିଆ ଭାବେ ବିଜେଡିର ରାଜ୍ ଚାଲିଥିଲା। ଜିଲ୍ଲାରେ ବିଜେଡ଼ିକୁ ମଜବୁତ୍ କରିବା ପଛରେ ସୁଶାନ୍ତ ସିଂଙ୍କର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀର ହୋଇଥିଲେବି ବରଗଡ଼ ଜିଲ୍ଲାରେ ବି ତାଙ୍କର ଢେର କାଟ୍‌ତି ରହିଥିଲା। ବିଜେପୁର ଓ ପଦ୍ମପୁର ଉପନିର୍ବାଚନ ବେଳେ ସୁଶାନ୍ତଙ୍କ ଗୋଟିଚାଳନା ତତ୍କାଳୀନ ବିରୋଧୀଙ୍କୁ ବି ସ୍ତବ୍ଧ କରି ଦେଇଥିଲା।

କରୋନା ପରେ ପରେ ସୁଶାନ୍ତଙ୍କ ଅସୁସ୍ଥତା ବରଗଡ଼ ନୁହେଁ ବରଂ ପଶ୍ଚିମ ଓଡ଼ିଶାର ଅନେକ ନିର୍ବାଚନମଣ୍ଡଳୀରେ ବିଜେଡ଼ିକୁ ଦୁର୍ବଳ କରିଦେଇଥିଲା। ୨୦୦୯, ୨୦୧୪ ଓ ୨୦୧୯ରେ ସେ ଭଟଲିରୁ ବାଜିମାତ୍ କରିଥିଲେ। ତାଙ୍କର ଢେର ଲୋକପ୍ରିୟତା ବି ରହିଥିଲା। ହେଲେ କରୋନା ପରେ ଅସୁସ୍ଥତା ଯୋଗୁଁ ସେ ପ୍ରାୟ ଦୁଇ ତିନି ବର୍ଷ ଧରି ନିର୍ବାଚନମଣ୍ଡଳୀ ବୁଲିପାରୁନଥିଲେ। ଶଯ୍ୟାଶାୟୀ ହୋଇ ସେ କେବଳ ଘରେ ହିଁ ଲୋକଙ୍କ ସୁଖଦୁଃଖରେ ସାମିଲ୍ ହେଉଥିଲେ। ଦଳର ସଂଗଠିତ ସାଂଗଠନିକ କାର୍ଯ୍ୟରେ ବି ଯୋଗ ଦେଇପାରୁନଥିଲେ। ତଥାପିବି ବିନା ପ୍ରଚାରରେ ସେ ୨୦୨୪ରେ ୭୯ ହଜାରରୁ ଅଧିକ ଭୋଟ୍ ପାଇବାରେ ସଫଳ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ଖାଲି ସୁଶାନ୍ତଯେ, ଭଟଲିରୁ ହାରିଗଲେ ତାହା ନୁହେଁ ଅତାବିରାରୁ ସ୍ନେହାଙ୍ଗିନୀ ଛୁରୀଆ, ବରଗଡ଼ରୁ ଦେବେଶ ଆଚାର୍ଯ୍ୟ, ବିଜେପୁରରୁ ରୀତା ସାହୁ ବି ପରାଜୟ ବରଣ କରିଥିଲେ। ଗାଏମୋଟ୍ କହିଲେ ବିଜେଡ଼ିର ଗଡ଼ ବିଜେପି ଗଡ଼ରେ ରୂପାନ୍ତରିତ ହୋଇ ଯାଇଥିଲା।

ସୁଶାନ୍ତ ସିଂ ଶଯ୍ୟାଶାୟୀ ଥିଲେବି ତାଙ୍କର କ୍ରେଜ୍ କମିନଥିଲା। ନିଇତି ଲୋକେ ତାଙ୍କ ପାଖକୁ ସାହାଯ୍ୟ ପାଇଁ ଆସୁଥିଲେ। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ସହଯୋଗର ହାତ ବଢାଉଥିଲେ। କିନ୍ତୁ ସୁଶାନ୍ତ ଆଉ ନାହାନ୍ତି। ଆରପାରିକୁ ଚାଲି ଯାଇଛନ୍ତି। ଏଭଳି ସ୍ଥିତିରେ ଭଟଲି ବିଜେଡ଼ିରେ କିଏ ମଙ୍ଗ ସମ୍ଭାଳିବେ ? ସେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସୁଶାନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବି ହଜାର ହଜାର କର୍ମୀ, ସମର୍ଥକ ଓ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଗକୁ ପଞ୍ଚାୟତ ନିର୍ବାଚନ। ସୁଶାନ୍ତଙ୍କ ଘନିଷ୍ଠ ସହଯୋଗୀ କିମ୍ବା ତାଙ୍କ ପରିବାରର ଜଣଙ୍କୁ କାହାକୁ ଦଳ ଆଗକୁ ଆଣିବ ବୋଲି ଚର୍ଚ୍ଚା ହେଉଛି।

# ନୂଆ ମୋଡ଼ ନେବ ଯୁବଛାତ୍ର ରାଜନୀତି

**ଭୁବନେଶ୍ୱର (ଗର୍ବିତ ଓଡ଼ିଆ):** ଓଡ଼ିଶାର ରାଜନୀତି ପାଇଁ ଭଲ ଖବର। ଗତ ଏକ ଦଶନ୍ଧି ଧରି ଯୁବ ଛାତ୍ର ରାଜନୀତି ଷ୍ଥାଣୁ ହୋଇଯାଇଥିଲା କହିଲେ ଭୁଲ୍ ହେବନାହିଁ। ଛାମୁଆ ଦଳର ଏହି ସଂଗଠନଗୁଡ଼ିକ କେବଳ ଶୋଭାଯାତ୍ରା ଓ ପ୍ରଚାର ବେଳେ ହିଁ କାମରେ ଆସୁଥିଲେ। ଯୁବ ଓ ଛାତ୍ର ନେତାଙ୍କୁ ସ୍ୱୟଂସମ୍ପୂର୍ଣ୍ଣ ଭାବେ ସଂଗଠନର ସୁଯୋଗ ମିଳୁନଥିଲା। ଯେଉଁଥିପାଇଁ ଅନେକଙ୍କ ପରିଚୟ ସଂକଟ ବି ସୃଷ୍ଟି ହୋଇଯାଇଛି। ଏବେ କିନ୍ତୁ ରାଜନୀତି କଡ଼ ଲେଉଟାଇଛି। ଆଉ ବରିଷ୍ଠ ନୁହଁନ୍ତି ବରଂ ଯୁବ-ଛାତ୍ର ନେତାମାନଙ୍କ ଉପରେ ସବୁ ଦଳ ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି। ଜେନ୍-ଜୀ ଆନ୍ଦୋଳନ ହିଁ କ୍ଷମତା ଓ ଚଉକି ମାଡ଼ି ବସିଥିବା ନେତାଙ୍କୁ ବୁଦ୍ଧି ଶିଖାଇ ଦେଇଛି।

## ଯୁବଛାତ୍ରଙ୍କ ଶକ୍ତି ସୋସିଆଲ ମିଡ଼ିଆ

ବହୁ ବରିଷ୍ଠ ନେତାଙ୍କ ସୋସିଆଲ ମିଡ଼ିଆ ଆକାଉଂଟରେ ସେଭଳି ଆଖିଦୃଶିଆ ଫଲୋଅରସ ନାହାନ୍ତି। କିଛି ନେତା ତ ଦଳୀୟ ନିର୍ଦ୍ଦେଶ ରହିଛି ବୋଲି କେବଳ ନାମକୁ ମାତ୍ର ପୋଷ୍ଟ କରନ୍ତି। ପିଏସଓ ବା ପିଏ, ଯାହିତାହି ଫଟୋଟେ ଛାଡ଼ିଦେଇ ସୋସିଆଲ ମିଡ଼ିଆ ଟାର୍ଗେଟ୍ ପୂରଣ କରୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ଆଉ କିଛି ନେତା ମୋଟା ମାଲ୍ ଦେଇ ପ୍ରମୋସନ୍ ମାରି ଫଲୋଅରସ ସିନା ବଢ଼ାଇ ଦେଇଛନ୍ତି, କିନ୍ତୁ ଅର୍ଗାନିକ୍ ହୋଇନଥିବାରୁ ପୋଷ୍ଟରେ ଲାଇକ୍, ସେୟାର କି ଭିଉ ନଥାଏ। କିନ୍ତୁ ଯୁବ ଓ ଛାତ୍ର ନେତାନେତ୍ରୀମାନେ ଅଧିକ ସମୟ ସୋସିଆଲ ମିଡ଼ିଆରେ ବିତାଇଥାଆନ୍ତି। ସ୍ୱାଭାବିକ ଭାବେ ସେମାନଙ୍କ ଏନଗେଜମେଂଟ ଅଧିକ ରହୁଥିବା ଦେଖିବାକୁ ମିଳୁଛି। ସେହିପରି ବରିଷ୍ଠ ନେତାମାନେ ନିଜେ ପୋଷ୍ଟ କରୁଥିଲେବି ଅନ୍ୟମାନଙ୍କ ପୋଷ୍ଟକୁ ଲାଇକ୍ ସେୟାର କି ଫଲୋ କରନ୍ତିନାହିଁ। କିନ୍ତୁ ଯୁବଛାତ୍ରମାନେ ବ୍ୟକ୍ତିଗତ ଭାବେ ନିଜର ସୋସିଆଲ ମିଡ଼ିଆ ଆଇଡ଼ି ପରିଚାଳନା କରୁଥିବାରୁ ସିଧାସଳଖ ଭାବେ ଅନ୍ୟମାନଙ୍କ ସହ ଯୋଗସୂତ୍ରରେ ରହୁଛନ୍ତି। ତେଣୁ ସ୍ୱାଭାବିକ ଭାବେ ଜେନ୍-ଜୀ ନେତାନେତ୍ରୀଙ୍କର କ୍ରେଜ୍ ବଢ଼ିବାରେ ଲାଗିଛି।

## ବିରୋଧୀଙ୍କ ସହ ଜେନ୍-ଜୀ

ପୂର୍ବ ସଂସ୍କରଣରେ ଆମେ ଜେନ୍-ଜୀଙ୍କ ଉପରେ ଏକ ଆଲେଖ୍ୟ ଲେଖିଥିଲୁ। କିଭଳି ଭାବେ ରାଜ୍ୟର ୭୦ ଲକ୍ଷ ଜେନ୍-ଜୀ ଭୋଟର ନିର୍ବାଚନରେ ଏକ ବଡ଼ ଭୂମିକା ଗ୍ରହଣ କରିବେ ସେନେଇ ଆଲୋକପାତ କରିଥିଲୁ। ଜେନ୍-ଜୀଙ୍କୁ ଆକର୍ଷିତ କରିବା ପାଇଁ ଶାସକ ଓ ବିରୋଧୀ ମେହନତ କରୁଛନ୍ତି। ତେବେ ଜେନ୍-ଜୀଙ୍କର ସିଂହଭାଗ ବିରୋଧୀଙ୍କ ସହ ରହିଛନ୍ତି। ଅବଶ୍ୟ ଏହା ସ୍ୱାଭାବିକ ପ୍ରକ୍ରିୟା। ସରକାରଙ୍କ ତ୍ରୁଟିକୁ ନେଇ ସେମାନେ ସ୍ୱର ଉତ୍ତୋଳନ କରୁଛନ୍ତି। ସାଧାରଣତଃ ଆଙ୍ଗର ବା କ୍ରୋଧ ସରକାରଙ୍କ ଉପରେ ହିଁ ପଡ଼ିଥାଏ। ଅବଶ୍ୟ ସରକାରଙ୍କ ପାଇଁ ଭଲ ଖବରଟି ହେଉଛି, ଜେନ୍-ଜୀଙ୍କ ଆକ୍ରୋଶର ଫାଇଦା ବିରୋଧୀ ନେଇପାରୁନାହାନ୍ତି। କାହିଁକିନା ବିରୋଧୀ ବହୁ ଭାଗରେ ବିଭକ୍ତ ଅଛନ୍ତି।

## ଜେନ୍-ଜୀ ପାଇଁ ବିଜେପିର ରଣନୀତି

ଯନ୍ତରମନ୍ତରରେ ଜେନ୍-ଜୀଙ୍କ ଶକ୍ତି ବିଜେପି ଦେଖିସାରିଛି। ମୋଦି ସରକାରଙ୍କୁ ବି ମୁଣ୍ଡ ନୁଆଁଇବାକୁ ପଡ଼ିଛି। ତେଣୁ ଏବେଠାରୁ ଦଳ ସତର୍କତାର ସହ ରଣନୀତି ଆରମ୍ଭ କରିଦେଇଛି। କକ୍ରୋଚ ଜନତା ପାର୍ଟି ଅଳ୍ପ ଦିନରେ ମିଲିୟନ୍ ମିଲିୟନ୍ ଫଲୋଅରସ ସାଉଁଟିଥିଲେବି ବିଜେପି ଏହାକୁ ହାଲକାରେ ନେଇଥିଲା। ଟୁଲ୍ କିଟ୍, ବାହାର ଦେଶର ଫଲୋଅରସ ବୋଲି କହି ଆସୁଥିଲା। ସୋସିଆଲ ମିଡ଼ିଆରେ ସରକାରଙ୍କ ପ୍ରତି କି ନ୍ୟାରେଟିଭ୍ ହେଉଛି ତାହାକୁ ଅନୁଶୀଳନ କରାଯାଇନଥିଲା। ମିଳିଥିବା ସୂଚନା ଅନୁଯାୟୀ, ବିଜେପି ଏବେ ଜେନ୍-ଜୀ ବର୍ଗର ପୋଷ୍ଟରୁ ସେମାନଙ୍କ ଆଭିମୁଖ୍ୟକୁ ଅନୁଶୀଳନ କରିବା ଆରମ୍ଭ କରିଛି। ଏଥିପାଇଁ ସ୍ୱତନ୍ତ୍ର ପେଶାଦାର ଟିମଙ୍କୁ ନିଯୁକ୍ତ କରାଯାଇଛି। କୌଣସି ପ୍ରସଙ୍ଗ ଯଦି ସରକାରଙ୍କୁ ଅକଳରେ ପକାଇବାର ସମ୍ଭାବନା ଥିବ ତେବେ ଫଟ୍ କିନା ସେହି ପ୍ରସଙ୍ଗ ଆଧାରରେ ଦଳ ଓ ସରକାର ରଣନୀତି କରିବେ। ଏହାର ତାତ୍ପର୍ଯ୍ୟ ହେଉଛି, ପ୍ରସଙ୍ଗ ଦାନା ଧରିବା ପୂର୍ବରୁ ଏହାର କାଉଣ୍ଟର ରଣନୀତି କରିବାର ଆବଶ୍ୟକତା ରହିଛି।

**ଜେନ୍-ଜି ଭୋଟ୍ ଲୋଭ**

# ପୁତୁରାଙ୍କୁ ମଙ୍ଗ ଧରାଇବେ ମାୟାବତୀ

ଆକାଶ ଆନନ୍ଦ। ମାୟାବତୀଙ୍କ ପୁତୁରା। ଦିନେ ବିଏସପିର ଜାତୀୟ ସଂଯୋଜକ ଭାବେ ଢେର କ୍ଷମତା ଉପଭୋଗ କରୁଥିଲେ। କିନ୍ତୁ ଦଳୀୟ ସ୍ୱାର୍ଥଠାରୁ ଆନନ୍ଦ ପରିବାରର ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାର ଅଭିଯୋଗ କରି ଦଳରୁ ତାଙ୍କୁ ବିଦା କରି ଦେଇଥିଲେ ମାୟାବତୀ। ଏବେ କିନ୍ତୁ ମାୟାବତୀ ପୁଣି ପୁତୁରା ଉପରେ ଭରସା କରିବା ଆରମ୍ଭ କରିଛନ୍ତି। ଏହାର ଗୋଟିଏ ମାତ୍ର କାରଣ ହେଉଛି, ଜେନ୍-ଜି ଭୋଟ୍ ଲୋଭ।



ଅଗଷ୍ଟ ୧୦ରେ ଆନନ୍ଦ ହାଥରାସ ଜିଲ୍ଲାର କର୍ମୀ ସମ୍ମିଳନୀରୁ ବିଏସପିରେ ପୁନଃ ଯାତ୍ରା ଆରମ୍ଭ କରିବେ। ସେହିପରି ଅଗଷ୍ଟ ୨୫ରେ ବିଜେଓ୍ୱାରଠାରେ ସଭା କରିବେ। ୨୦୨୫ ଅକ୍ଟୋବର ୯ରେ ସେ ଶେଷଥର ପାଇଁ ଦଳୀୟ ସଭାରେ ସାମିଲ୍ ହୋଇଥିଲେ। ଏମିତିକି ସେ ମାୟାବତୀଙ୍କ ଉତ୍ତରାଧିକାରୀ ହେବେବୋଲି ଘୋଷଣା ସରିଥିଲା। ତେବେ ୨୦୨୪ ମେ'ରେ ମାୟାବତୀ ତାଙ୍କୁ ଜାତୀୟ ସଂଯୋଜକ ପଦରୁ ହଟାଇବା ସହ ସେ ତାଙ୍କର ରାଜନୀତିକ ଉତ୍ତରାଧିକାର ନୁହଁନ୍ତି ବୋଲି କହିଥିଲେ। ଏମିତିକି ଆନନ୍ଦ ତାଙ୍କ ଶ୍ୱଶୁର ତଥା ବିଏସପି ନେତା ଅଶୋକ ସିଦ୍ଧାର୍ଥଙ୍କ କଥାରେ ପରିଚାଳିତ ହେଉଛନ୍ତି ବୋଲି ଅଭିଯୋଗ ବାଢ଼ିଥିଲେ। ପରେ ମାୟାବତୀଙ୍କ ରାଗ ଥଣ୍ଡା ପଡ଼ିଥିବାବେଳେ ସେ ତାଙ୍କୁ ଦଳକୁ ଫେରାଇ ଆଣି ଆବାହକ ରଖିଥିଲେ। ସମ୍ପ୍ରତି ଜେନ୍-ଜିଙ୍କ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ମାୟାବତୀ ନିଜର ପାରମ୍ପରିକ ଦଳିତ ଭୋଟ୍ ଓ ଆନନ୍ଦଙ୍କୁ ଆଗକୁ ଆଣି ଯୁବପିଢ଼ିଙ୍କ ଭୋଟ୍ ହାତେଇବାକୁ ରଣନୀତି କରୁଛନ୍ତି। ତେବେ ଯୋଗୀ ଆଦିତ୍ୟନାଥଙ୍କ ରଣନୀତି ଆଗରେ ମାୟାବତୀଙ୍କ ହାତୀ କେତେ ପାହୁଣ୍ଡ ଯାଉଛି ତାହା ଉପରେ ନଜର ରହିବା ସ୍ୱାଭାବିକ।

# ଜେନ୍-ଜୀ ପ୍ରେମରେ ସୁଜିତ୍



ବିଜେପିର ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଏବେ ଜେନ୍-ଜୀଙ୍କ ପ୍ରେମରେ ଉବୁଟୁବୁ। ଜେନ୍-ଜୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି। ତାଙ୍କ ସୋ'ର ନାଁ ହେଉଛି ଜେନ୍ ସାଂସଦ-ଦ ଚିଟ୍‌ଚାଟ୍ ସୋ। ଯେଉଁଥିରେ ଜେନ୍-ଜୀ ବର୍ଗର ଜଣେ ଆଙ୍କର ତାଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଜେନ୍-ଜୀଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର ସେ ଅତ୍ୟନ୍ତ ସାବଲୀଳ ଭାବେ ଦେଉଛନ୍ତି। ଟିଏମସିର ସାଂସଦଙ୍କ ଏନସିପିଆଇରେ ମିଶ୍ରଣକୁ ନେଇ ଥିବା ସାମ୍ବିଧାନିକ ବ୍ୟବସ୍ଥା ହେଉ ଅବା ସିଜେପି ଆନ୍ଦୋଳନରେ ଗିରଫ ବ୍ୟକ୍ତିଙ୍କୁ ନେଇ ଥିବା ଆଇନଗତ ବ୍ୟବସ୍ଥା ହେଉ ସେ ସମ୍ପର୍କରେ ଜେନ୍-ଜୀଙ୍କୁ ବୁଝାଇବାକୁ ପ୍ରୟାସ କରୁଛନ୍ତି। ଆଉ କିଛି ଭିଡ଼ିଓରେ ହସ ଗମାତ ବି କରୁଥିବା ଦେଖିବାକୁ ମିଳୁଛି। ଦୁଇ ଦୁଇ ଥର ରାଜ୍ୟସଭାକୁ ଯାଇଥିବା ସୁଜିତ୍ କୁମାର ଖାଲି ରାଜନେତା ନୁହଁନ୍ତି ସେ ସୁପ୍ରିମକୋର୍ଟର ଆଇନଜୀବୀ ଭାବେ ବି ଖ୍ୟାତି ଅର୍ଜନ କରିଛନ୍ତି। ଏହି ସୋ' ନିଶ୍ଚିତ ଭାବେ ଜେନ୍-ଜୀଙ୍କୁ ଛୁଇଁବ। ହେଲେ ଓଡ଼ିଆରେ ଯଦି ତାଙ୍କର ସୋ' ହୁଅନ୍ତା ତେବେ ଓଡ଼ିଶାର ଜେନ୍-ଜୀଙ୍କ ପାଖରେ ତାଙ୍କ କଥା ପହଁଚିପାରନ୍ତା।

ଶାଶ୍ୱତ ଓଡ଼ିଆ

କୁଚିଣ୍ଡା ରାଜନୀତି

# ରବିଙ୍କ କିରଣରେ ପଦ୍ମମୟ

## ରବିଙ୍କ ଉଦୟ

କୁଚିଣ୍ଡାରେ ଚାଲିଛି ରବି ରାଜ୍। ଗତ ଅଢ଼େଇ ଦଶନ୍ଧି ଧରି ରବିଙ୍କ ଚାରିପଟେ ହିଁ କୁଚିଣ୍ଡା ରାଜନୀତି ଘୂରିବୁଲୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୯୫ରେ ସେ କୁଚିଣ୍ଡାରୁ ପ୍ରଥମ ଥର ବିଜେପି ଟିକେଟରେ ଲଢ଼ିବାର ସୁଯୋଗ ପାଇଥିଲେ। ସେହି ନିର୍ବାଚନରେ ରବିଙ୍କୁ ୧୦ ହଜାରରୁ କମ୍ ଭୋଟ ମିଳିଥିଲା। ମାତ୍ର ୧୦.୨% ଭୋଟ୍ ପାଇ ସେ ଅମାନତ ବି ହରାଇଥିଲେ। ତେଣୁ ୨୦୦୦ରେ ସେ ବିଧାୟକ ହେବେବୋଲି କେହି ଭାବିନଥିଲେ। ୨୦୦୦ ବିଧାନସଭା ନିର୍ବାଚନ ବେଳେ ବିଜେଡ଼ି ଓ ବିଜେପି ମେଣ୍ଟ ହୋଇଥିଲା। ସେହି ଆସନଟି ବିଜେପି ଭାଗରେ ହିଁ ପଡ଼ିଥିଲା। ସ୍ୱାଭାବିକ ଭାବେ ରବିଙ୍କୁ ଦଳ ଟିକେଟ୍ ଦେଇଥିଲା। ୧୯୯୫ରେ ପାନୁ ଚନ୍ଦ୍ର ନାଏକଙ୍କ ଠାରୁ ସେ ବିପୁଳ ଭୋଟ୍‌ରେ ହାରିଯାଇଥିଲେ, କିନ୍ତୁ ୨୦୦୦ରେ କଂଗ୍ରେସ ନେତା ପାନୁ ଚନ୍ଦ୍ରଙ୍କୁ ସେ ବଡ଼ ବ୍ୟବଧାନରେ ପରାସ୍ତ କରିବାରେ ସଫଳ ହୋଇଥିଲେ। ସେହିଠାରୁ ହିଁ କୁଚିଣ୍ଡାରେ ରବିଙ୍କ ଉଦୟ ହୋଇଥିଲା।

## ଚାରିଥର ବିଧାୟକ

୨୦୦୦ ଭଳି ୨୦୦୪ରେ ବି ବିଜେଡ଼ି-ବିଜେପି ମେଣ୍ଟ ଥିଲା। ବିଜେପି ଟିକେଟରେ ସେ ଆରାମରେ ୨୦୦୪ ନିର୍ବାଚନ ବୈତରଣୀ ପାର୍ ହୋଇ ଯାଇଥିଲେ। କିନ୍ତୁ ୨୦୦୯ରେ ମେଣ୍ଟ ଭାଙ୍ଗିଯିବାରୁ ରବିଙ୍କୁ ପୁଣିଥରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସେହି ନିର୍ବାଚନରେ ବାଜିମାତ୍ କରିଥିଲେ ରାଜେନ୍ଦ୍ର କୁମାର ଛତ୍ରିଆ। ତେବେ ବଡ଼କଥାଟି ହେଉଛି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ରବି। ଏକଥା ଉଲ୍ଲେଖ କରିବାର କାରଣ ହେଉଛି, ବିଜେପିର ଅନେକ ବଡ଼ ନେତା ମେଣ୍ଟ ଭାଙ୍ଗିବା ପରେ ତୃତୀୟସ୍ଥାନକୁ ଠେଲି ହୋଇଯାଇଥିଲେ। ଅନେକ ତ ଅମାନତ ବି ହରାଇଥିଲେ। ପୁଣିଥରେ ୨୦୧୪ରେ ତାଙ୍କୁ କୁଚିଣ୍ଡା ବାସୀ ସୁଯୋଗ ଦେବାରୁ ସେ ତୃତୀୟ ଥର ପାଇଁ ବିଧାୟକ ହୋଇଥିଲେ। ହେଲେ ମଜବୁତ୍ ସଂଗଠନ ସତ୍ତ୍ୱେ ଅଳ୍ପ ଭୋଟରେ ସେ ୨୦୧୯ରେ ହାରି ଯାଇଥିଲେ। କିନ୍ତୁ ୨୦୨୪ରେ ପୁଣି ରବି ଚମକି ଥିଲେ। ୨୦୦୯ରେ ତାଙ୍କୁ ହରାଇଥିବା ରାଜେନ୍ଦ୍ର ଛତ୍ରିଆଙ୍କ ଠାରୁ ସେ ମଧୁର ପ୍ରତିଶୋଧ ନେଇଥିଲେ। ୨୦୨୪ ରାଜନୀତି ବେଶ୍ ଜମାଣିଆ ଥିଲା। ସମ୍ବଲପୁର ଲୋକସଭା ଆସନରେ କୁଚିଣ୍ଡା ଯାଉଥିବାବେଳେ ଲୋକସଭା ନିର୍ବାଚନରେ ମୁହାଁମୁହିଁ ହୋଇଥିଲେ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଣବ ପ୍ରକାଶ ଦାସ। ଧର୍ମେନ୍ଦ୍ର ସମ୍ବଲପୁରରୁ ଲଢ଼ିବାରୁ କୁଚିଣ୍ଡାରେ ବି ରବିଙ୍କ ପ୍ରଦର୍ଶନ ଦମଦାର ହୋଇପାରିଥିଲା। ୩୨ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ସେ ବାଜିମାତ୍ କରିପାରିଥିଲେ।



## ପାୱାରଫୁଲ ମିନିଷ୍ଟର

ରବି ନାରାୟଣ ନାୟକ ଏବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ମନ୍ତ୍ରୀ ଅଛନ୍ତି। ଦୁଇଟି ଯାକ ବିଭାଗ ଅତୀବ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳସ୍ତରର ବିକାଶମୂଳକ ଯୋଜନା ସେହି ଦୁଇ ବିଭାଗ ହିଁ କରିଥାଏ। ଯେଉଁଥିପାଇଁ ମନ୍ତ୍ରୀମଣ୍ଡଳରେ ସେ ଅନ୍ୟତମ ଶକ୍ତିଶାଳୀ ନେତା ଭାବେ ଉଭା ହୋଇଛନ୍ତି। ଯାହାଫଳରେ କୁଚିଣ୍ଡାରେ ତାଙ୍କର ସଂଗଠନ ଆହୁରି ମଜବୁତ୍ ହୋଇପାରିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ରବିଙ୍କ ନେତୃତ୍ୱରେ କୁଚିଣ୍ଡାରେ ବିଜେପି ବେଶ୍ ସଫଳତା ପାଇବ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁଶୀଳନ କରୁଛନ୍ତି।

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ: ନିଘା ରଖିଛି ବିଜେଡ଼ି

ଅଗଷ୍ଟରେ ରାଜ୍ୟ ବିଜେପି ସରକାର ନିଗମ ବୋର୍ଡ଼ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବେ ବୋଲି ରାଜନୀତିକ ଅଳିନ୍ଦରେ ଜୋରଦାର ଚର୍ଚ୍ଚା ହେଉଛି। ଅବଶ୍ୟ ଏମିତି ଚର୍ଚ୍ଚା ଆଜି ନୁହେଁ, ୨୦୨୪ ଅକ୍ଟୋବରରୁ ହୋଇଆସୁଛି। ମୋଦିଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ମୋହନଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନା ତା'ପୂର୍ବରୁ, ଏଯାବତ୍ ସ୍ପଷ୍ଟ ହୋଇନାହିଁ। ବିଜେପି ଯେଉଁଳି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣକୁ ନେଇ ଅଙ୍କକଷୁଛି, ବିଜେଡ଼ି ମଧ୍ୟ ତାହା ଉପରେ ନିଘା ରଖିଛି।

ବିଜେପି ସରକାର କାହିଁକି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରିପାରୁନାହାନ୍ତି ? ତାହା ସାରା ଓଡ଼ିଶା ଜାଣିସାରିଛି। ବିଜେପି ବିଧାୟକ ଓ ଅନ୍ୟ ନେତାମାନେ ଅତି ବିଳମ୍ବକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନହେଉଥିବାରୁ ତାହାର ପ୍ରତିକୂଳ ପ୍ରଭାବ ଉଭୟ ସରକାର ଓ ସଂଗଠନ ଉପରେ ପଡୁଛି। ଏକଥା ବିଜେପି ନେତାମାନେ ବି ମୁକ୍ତକଣ୍ଠରେ ସ୍ୱୀକାର କରୁଛନ୍ତି।

ସମ୍ପ୍ରତି ରାଜନୀତିକ ଅଳିନ୍ଦରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଧର୍ମେନ୍ଦ୍ର ପ୍ରଧାନ ଓ ମୋହନ ମାଝୀଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ବିଜୁ ଜନତା ଦଳକୁ ଏହା ବେଶ୍ ସୁହାଇବାର ଥିବାରୁ ବିଜେଡ଼ି ନେତାମାନେ ନଖ ଘଷୁଛନ୍ତି। ବିଜେଡ଼ିର ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍‌ସରମାନେ ନିୟମିତ ବ୍ୟବଧାନରେ ଧର୍ମେନ୍ଦ୍ର-ମୋହନ ଲଢ଼େଇ କଥା ଉଠାଇ ଉଖାରିବାରେ ଲାଗିଛନ୍ତି। ଯନ୍ତରମନ୍ତରରେ ସିଜେପି ଆନ୍ଦୋଳନକୁ ବଳ ଦେବାକୁ ଯାଇ ନବୀନ ବାବୁ ବି ଇସ୍ତଫା ଦାବି କରିଥିଲେ। ଖାଲି ସେତିକିନୁହେଁ, ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଧର୍ମେନ୍ଦ୍ର ଶୋଭାଯାତ୍ରା କରିବାରୁ ବିଜେଡ଼ି ପ୍ରେସମିଟ୍‌ରେ ବି ବର୍ଷିଥିଲା। ଦଳର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ କଳାପତାକା ଦେଖାଇ ବିରୋଧ ବି ହୋଇଥିଲା। ବିଜେଡ଼ିର ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ଧର୍ମେନ୍ଦ୍ର ଓ ମୋହନ-ମନମୋହନଙ୍କ ମଧ୍ୟରେ ରାଜନୀତିକ ବିବାଦ ଲାଗିରହିଲେ ତାହା ବିଜେଡ଼ିକୁ ଭଲ। ଏହି ମଉକାରେ ବିଜେଡ଼ି ନିଜ ସଂଗଠନକୁ ମଜବୁତ କରିବାରେ ସଫଳ ହୋଇପାରିବ।

ଏକଥା ଉଲ୍ଲେଖ କରିବାର କାରଣ ହେଉଛି, ଆଗାମୀ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉପରେ ଏହାର ପ୍ରଭାବ ପଡ଼ିବ। କୁହାଯାଉଛି, ଧର୍ମେନ୍ଦ୍ରଙ୍କ ଅନୁଗତମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାକୁ ମୋହନ-ମନମୋହନ ଯୋଜନା କରୁଛନ୍ତି। ତେବେ ଦଳରେ ପ୍ରାୟ ଚାରି ଡଜନ ବିଧାୟକ ଧର୍ମେନ୍ଦ୍ରଙ୍କ ସହ ରହିଛନ୍ତି। ତେଣୁ ସମସ୍ତଙ୍କୁ ବାଦ୍ ଦେଇ ନିଜ ଟିମ୍ ଗଢ଼ିବା ମୋହନ-ମନମୋହନଙ୍କ ପକ୍ଷେ ଆଦୌ ସମ୍ଭବପର ନୁହେଁ। ଯେଉଁପଟୁ ହିସାବ କଲେବି ମୁକୁନ୍ଦ ଟିମର ବିଧାୟକ ମନ୍ତ୍ରିପଦ ପାଇବା ନିଶ୍ଚିତ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ଯଦି ମୋହନ-ମନମୋହନ ଧର୍ମେନ୍ଦ୍ରଙ୍କ ଟିମକୁ ନିଚା ଦେଖାଇବାକୁ ଉଦ୍ୟମ କରନ୍ତି ଏହାର ବହୁତ ବଡ଼ ପ୍ରଭାବ ବିଜେପି ସଂଗଠନ ଉପରେ ପଡ଼ିବ। ସେହିପରି ଯେଉଁ ମନ୍ତ୍ରୀମାନଙ୍କୁ ମୋହନ ବାଦ୍ ଦେବେ ସେହି ସବୁ ନିର୍ବାଚନମଣ୍ଡଳୀରେ ବିଜେଡ଼ି ନୂଆ ନ୍ୟାରେଟିଭ୍ କରିବ। ସେହିସବୁ ନେତାଙ୍କୁ ଅଯୋଗ୍ୟ ଓ ଅପରାଗ ଦର୍ଶାଇ ଘେରିବାକୁ ବି ଯୋଜନା ହୋଇଛି। ଯାହାର କୁପ୍ରଭାବ ପଞ୍ଚାୟତ ନିର୍ବାଚନ ଉପରେ ପଡ଼ିଲେ ଆଶ୍ଚର୍ଯ୍ୟ ହେବାର ନାହିଁ।

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ମାଡି ଚାଲ୍

ମହାନଦୀରେ ପାଣି ବହୁଛି ନାକୁଆଣି;
ଛତିଶଗଡ କଳି ଦେଖ ତୁଟିଲା ପୁଣି!
କାହା ପେଟରେ ପାଣି କାହା ଆଖିରେ ପାଣି;
କାହା ମନରେ ପାପ କେ ହସେ ଜାଣି ଜାଣି!!
ଉପରେ ବ୍ୟାରେଜ ଥାଇରେ
ଦେଖ କି ବଢ଼ି ଆସିଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

ହାଇବ୍ରିଡ଼ି ପେଟ୍ରୋଲ ମିଶିଲା ଇଥାନଲ;
ଗାଡ଼ିରେ ପକେଇଲେ ଲାଗଇ ଡରିଭଲ!
ଗାଡ଼ି ଧକେଇ ହେଲେ ନୂଆ କିଣିବା ଭଲ;
ଆମେ ଖରାପ କିନ୍ତୁ ବଢିଆ ଇଥାନଲ!!
ଚାଲିବା ଅଭ୍ୟାସ କରରେ
କାମରେ ଲାଗିବ ଭଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

କେ କହେ ପଦଯାତ୍ରା କେ କହେ ବ୍ୟବସାୟ;
କେ କରେ ଧର୍ମ କର୍ମ କିଏ କରୁଛି ଆୟ!
କେ କହେ ସୋ ବାଜି କେ କହେ ପ୍ରଥା ନୁହଁ;
କେ କହେ ରିଲସ ପାର୍ଟି କେ କହେ ଫ୍ରି ଖାଅ!
କହିଲା ବାଲାଏ ଆସରେ
ଚାଲି କେ ପାରିବ ଭଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

ପାଣି ବୋହୁଛୁ ଆମେ ପାଣି ବୋହୁଛ ତମେ;
ସମସ୍ତେ ଲାଗିଅଛେ ସେଇ ଗୋଟିକ କାମେ!
ଗରିବ ରନ୍ଧାବଢ଼ା ଧନୀ ଫ୍ୟାକ୍ଟରୀ କାମେ;
ଆଉ କେ ପିଇ କିଣି ବିଦେଶୀ ପାଣି ନାମେ!
ପିଇକି ଟିକସ ନଦେଲେ
ବାଜିବ ସର୍କାର ଡାଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

ବିଭେଦ ଛିଡୁଅଛି ଗଞ୍ଜେଇ ଯୋଡୁଅଛି;
ଯୋଉ କଣକୁ ଯାଅ ବାସେନା ଉଡୁଅଛି!
ଗଞ୍ଜେଇ ଚାଷକରି କୃଷକ ବଢୁଅଛି;
କଳ କୌଶଳ କରି ବିଦେଶେ ଛାଡୁଅଛି!!
ଆକାଶ ପଥରେ ଯିବାରେ
ଯେତେ ଯେ ଟାଣି ପାରିଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

ଗେରୁଆ ବସ୍ତ୍ର ଦେଖି ଡ଼ିଏଁ ଅନେକ ଆଖି;
କେ କହେ ଅନ୍ଧଭକ୍ତ କେ କହେ ବଢିଲେ କି!
ଯେ ଗୋଟେ ପ୍ରେସର ବରଷା ପାଗ ଦେଖି;
ତା ଲିଙ୍ଗେ ଜଳଲାଗି ରାଗି ବର ଦେବକି!!
ଚାନସ ଛାଡ଼ନି କେହିରେ
ମାଡ଼ିକି ଚାଲିଲେ ହେଲା....
ଆମକୁ ସାଇଡି ଦିଅରେ
ଆମେ ତ କାଉଡ଼ି ବାଲା!!

**ଗଞ୍ଜାମ ରାଜନୀତି**


# କିଏ ବଢୁଛି, କିଏ ଛିଡୁଛି

ଏକଦା ଗଞ୍ଜାମ ଥିଲା ବିଜେଡ଼ିର ଗଡ଼। ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଛତ୍ରପୁର, ସୋରଡ଼ା, ହିଞ୍ଜିଳି, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟିରେ ବିଜେଡ଼ି ହିଁ ବାଜିମାତ୍ କରୁଥିଲା। ନବୀନ ପଟ୍ଟନାୟକ, ବିକ୍ରମ କେଶରୀ ଆରୁଖ, ଭି ସୁଜ୍ଞାନୀ କୁମାର ଦେଓ, ସୂର୍ଯ୍ୟ ନାରାୟଣ ପାତ୍ର, ପ୍ରଦୀପ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଉଷା ଦେବୀଭଳି ନେତାମାନେ ଗଞ୍ଜାମର ମଙ୍ଗ ଧରିଥିବାରୁ ବିଜେଡ଼ିର ରାଜ୍ ଚାଲିଥିଲା। କାରଣ ସେହି ନେତାମାନେ ନିଜ ନିଜ ନିର୍ବାଚମଣ୍ଡଳୀରେ ବେଶ୍ ଲୋକପ୍ରିୟ ଥିଲେ। କେବଳ ସାନଖେମୁଣ୍ଡିରେ କଂଗ୍ରେସ ନେତା ରମେଶ ଜେନା ବିଜେଡ଼ିକୁ ଅଟକାଇବାରେ ସକ୍ଷମ ହୋଇ ପାରୁଥିଲେ।

୨୦୨୪ ନିର୍ବାଚନରେ ଗଞ୍ଜାମରେ ବିଜେଡ଼ିର ଗଡ଼ ଭୁଷୁଡ଼ିବା ହିଁ ନବୀନ ପଟ୍ଟନାୟକଙ୍କ ପାଇଁ କାଳ ହୋଇଥିଲା। ସେ କଷ୍ଟେମଷ୍ଟେ ହିଞ୍ଜିଳିରେ ବାଜିମାତ୍ କରିବାରେ ସଫଳ ହୋଇଥିଲେ। ସାନଖେମୁଣ୍ଡି କଂଗ୍ରେସ ହାତକୁ ଯାଇଥିବାବେଳେ ବାକି ସବୁ ଆସନ ବିଜେପି ଖାତାକୁ ଚାଲି ଯାଇଥିଲା। ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳ ତଡ଼ିଦେବାରୁ ସେ ବିଜେଡ଼ିକୁ ଚାଲି ଯାଇଥିଲେ। ସେହିପରି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରଲୋକ ପରେ ଦିଗପହଣ୍ଡିରେ ଦଳ ଦୁର୍ବଳ ହୋଇଯାଇଥିଲା। ଉଷା ଦେବୀ ନିଜେ ନଲଢ଼ି ଚିକିଟିରେ ତାଙ୍କ ପୁଅଙ୍କୁ ମଇଦାନକୁ ଛାଡ଼ିଥିଲେ। ଭି. ସୁଜ୍ଞାନୀ ଦେଓଙ୍କର ପରଲୋକ ଯୋଗୁଁ ପୋଲସରା ଓ କବିସୂର୍ଯ୍ୟନଗରରେ ବି ବିଜେଡ଼ିର ଭୋଟ୍ ବ୍ୟାଙ୍କ ପ୍ରଭାବିତ ହୋଇଥିଲା।

### ୨୦୨୪ରେ କିଏ ଜିତିଥିଲେ

| | |
|---|---|
| ଭଞ୍ଜନଗର | + ୧୭ ହଜାର (ବିଜେପି) |
| ପୋଲସରା | +୨୧ ହଜାର (ବିଜେପି) |
| କବିସୂର୍ଯ୍ୟନଗର | +୩୦ ହଜାର (ବିଜେପି) |
| ଖଲିକୋଟ | +୨୩ ହଜାର (ବିଜେପି) |
| ଛତ୍ରପୁର | +୧୧ ହଜାର (ବିଜେପି) |
| ଆସ୍କା | +୮ ହଜାର (ବିଜେପି) |
| ସୋରଡ଼ା | ୨୮ ହଜାର (ବିଜେପି) |
| ସାନଖେମୁଣ୍ଡି | ୧୦ ହଜାର (କଂଗ୍ରେସ) |
| ହିଞ୍ଜିଳି | ୫ ହଜାର (ବିଜେଡ଼ି) |
| ଗୋପାଳପୁର | ୯ ହଜାର (ବିଜେପି) |
| ବ୍ରହ୍ମପୁର | ୧୮ ହଜାର (ବିଜେପି) |
| ଦିଗପହଣ୍ଡି | ୧୭ ହଜାର (ବିଜେପି) |
| ଚିକିଟି | ୬ ହଜାର (ବିଜେପି) |



ଗୋପାଳପୁରରେ ବିଭୂତି ଭୂଷଣ ଜେନା, ପୋଲସରାରେ ଗୋକୁଳାନନ୍ଦ ମଲ୍ଲିକ, ଛତ୍ରପୁରରେ କୃଷ୍ଣଚନ୍ଦ୍ର ନାୟକ, ଚିକିଟିରେ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସୋରଡ଼ାରେ ନୀଳମଣି ବିଷୋୟୀ, ଭଞ୍ଜନଗରରେ ପ୍ରଦ୍ୟୁମ୍ନ ନାୟକ, କବିସୂର୍ଯ୍ୟନଗରରେ ପ୍ରତାପ ଚନ୍ଦ୍ର ନାୟକ, ଖଲିକୋଟରେ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସ୍କାରେ ସରୋଜ କୁମାର ପାଢ଼ୀ ଓ ଦିଗପହଣ୍ଡିରେ ସିଦ୍ଧାନ୍ତ ମହାପାତ୍ର ବାଜିମାତ୍ କରିଛନ୍ତି।

ଏବେ କିନ୍ତୁ ଗଞ୍ଜାମ ଜିଲ୍ଲାରେ ଓଲଟ ପବନ ଆରମ୍ଭ ହୋଇଛି। ୨୦୨୪ରେ ବିଜେପିର ଯାହା କ୍ରେଜ୍ ଥିଲା ତାହା କମିକମି ଚାଲିଛି। ଅତିକମ୍‌ରେ ୫% ଭୋଟ୍ କମି ସାରିଲାଣି କହିଲେ ଭୁଲ୍ ହେବନାହିଁ। ବିଶେଷକରି ଦଳରେ ସାଂଗଠନିକ ସ୍ଥାଣୁତା ଓ ନେତାଙ୍କ ଭିତରେ ବିବାଦ ଦଳକୁ କ୍ଷତିଗ୍ରସ୍ତ କରିବାରେ ଲାଗିଛି। ବିଭୂତି ଜେନା ଓ ପ୍ରଦୀପ ପାଣିଗ୍ରାହୀଙ୍କ ବିବାଦ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆସ୍କା ଲୋକସଭା ନିର୍ବାଚନମଣ୍ଡଳୀରେ ରେ ବି ସାଂସଦ ଓ ବିଧାୟକ ବିବାଦ ଜୋର୍ ଧରିଲାଣି। ଜିଲ୍ଲା ସଭାପତି ଓ ବିଧାୟକଙ୍କ ଗୋଷ୍ଠୀ ଭିତରେ ବିବାଦ ବି କାର୍ଯ୍ୟକର୍ତ୍ତା ଓ ନେତାଙ୍କୁ ଅଣନିଃଶ୍ୱାସୀ କରିଦେଇଛି। ବିଶେଷକରି ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଅପରପକ୍ଷରେ ଏମିତି ଛକାପଞ୍ଝା ଭିତରେ ବିକାଶମୂଳକ କାର୍ଯ୍ୟ ବି ବାଧାପ୍ରାପ୍ତ ହେଉଛି। ବିଜେଡ଼ି ଅମଳର ଗଞ୍ଜାମ ଓ ଏବେକାର ଗଞ୍ଜାମ ଭିତରେ ସ୍ଥାନୀୟ ଭୋଟରମାନେ ଫରକ ଦେଖିବା ଆରମ୍ଭ କରିଛନ୍ତି। ଯାହାକି ବିଜେପିକୁ ଅକଳରେ ପକାଇବା ନିଶ୍ଚିତ। ସେପଟେ ଏଇ ମଉକାରେ ବିଜେଡ଼ି ଏବେ ଆକ୍ରମଣାତ୍ମକ ରଣନୀତି ଆରମ୍ଭ କରିଦେଇଛି। ବିକ୍ରମ କେଶରୀ ଆରୁଖ ଦୁଇବର୍ଷ ଧରି ନୀରବ ରହିଥିଲେ। ଏବେ ସେ ସକ୍ରିୟ ହେବା ଆରମ୍ଭ କଲେଣି। ନେତାଙ୍କ ଭିତରେ ବିବାଦ ପାଇଁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ବିଜେଡ଼ି ନେତାମାନେ ଅନୁଭବ କରିସାରିଛନ୍ତି। କଂଗ୍ରେସ କେବଳ ସାନଖେମୁଣ୍ଡିରେ ସୀମିତ ରହିଥିବାବେଳେ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି-ବିଜେପି ମଧ୍ୟରେ ରୋଚକ ଲଢ଼େଇ ଦେଖିବାକୁ ମିଳିବ।



# ପ୍ରମିଳାଙ୍କ ପ୍ରଚଣ୍ଡ ରୂପ

ବିଞ୍ଝାରପୁରରେ ବଡ଼ ବିବାଦ। ମୁହାଁମୁହିଁ ହୋଇଛନ୍ତି ବିଧାୟିକା ଓ ସାଂସଦ। ବନ୍ୟା ପରିଚାଳନାକୁ ନେଇ ବଡ଼ ହଙ୍ଗାମା। ଏମିତି ଏକ ଖବର ଦେଖିବା ପରେ ଏହାର ଭିଡ଼ିଓ ମଧ୍ୟ ଦେଖିଲୁ। ବାପରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କର କି ପ୍ରଚଣ୍ଡ ରାଗ। ରାଗିବେନି ବା କେମିତି ? ତାଙ୍କ ଗଡ଼ରେ ସମୀକ୍ଷା ବୈଠକ, ଆଉ ତାଙ୍କୁ ନିମନ୍ତ୍ରଣ ନାହିଁ। କଥାଟା ଏମିତି, ଦିଲ୍ଲୀ ଗସ୍ତ ସାରି ଯାଜପୁର ସାଂସଦ ଡଃ ରବୀନ୍ଦ୍ର ବେହେରା ସିଧା ଆସି ପହଞ୍ଚିଗଲେ ଯାଜପୁର ବନ୍ୟା ବିପନ୍ନଙ୍କ ପାଖରେ। ବନ୍ୟାଞ୍ଚଳ ବୁଲି ଦେଖିବା ପରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବ୍ଲକ ଅଫିସରେ ସମୀକ୍ଷା ବୈଠକ କଲେ। କିନ୍ତୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଡକାଗଲା ନାହିଁ। ବୈଠକ ସରିଲା ବେଳକୁ ନିଜ ଦଳବଳ ଧରି ପହଞ୍ଚିଗଲେ ପ୍ରମିଳା। ଆଉ ସିଧା ସିଧା ସାଂସଦଙ୍କୁ ଶୁଣାଇବାରେ ଲାଗିଲେ। ନିଜ ଅଞ୍ଚଳ ବନ୍ୟା ପାଣିରେ ଉବୁଟୁବୁ ହେଉଥିବା ବେଳେ ସାଂସଦ ଦିଲ୍ଲୀରେ କ'ଣ କରୁଥିଲେ ବୋଲି ପ୍ରଶ୍ନ କରିଥିଲେ। ସାଂସଦ ଡଃ ରବୀନ୍ଦ୍ର ବେହେରା ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ପ୍ରମିଳା ବୁଝିବାକୁ ନାରାଜ। ଏବେ ପାର୍ଲିଆମେଣ୍ଟ ଚାଲିଥିବାରୁ ସେ ଦିଲ୍ଲୀରେ ଥିଲେ ବୋଲି ସାଂସଦ କହିବା ପରେ ପ୍ରମିଳା ଆଉ କି ଛାଡ଼ନ୍ତି। ସିଧା ମୁଖ୍ୟମନ୍ତ୍ରୀଙ୍କୁ ବିବାଦ ଭିତରକୁ ଟାଣିଆଣିଲେ। ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ କ'ଣ କରୁଥିଲେ ବୋଲି ପାଲଟା ପ୍ରଶ୍ନ କଲେ ପ୍ରମିଳା। ପରିସ୍ଥିତି ଏମିତି ହେଲାଯେ, ଉଭୟଙ୍କ ସମର୍ଥକଙ୍କ ଭିତରେ ମଧ୍ୟ ହୋହାଲ୍ଲା ଆଉ ଧସ୍ତାଧସ୍ତି ଆରମ୍ଭ ହୋଇଗଲା। ଅବଶ୍ୟ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ପ୍ରମିଳା କି ଛାଡ଼ିବା ଜନ୍ତୁ? ସାମ୍ବାଦିକଙ୍କ ଆଗରେ ପୁଣି ବର୍ଷିଲେ। ବନ୍ୟା ପରିଚାଳନାରେ ବିଜେପି ସରକାର ଫେଲ ମାରିଛନ୍ତି ଆଉ ପାଞ୍ଚ ଦିନ ପରେ କେବଳ ଫଟୋ ଉଠାଇବାକୁ ଆସିଛନ୍ତି ବୋଲି କହି ଗର୍ଜନ କଲେ।

ହେଲେ ଆମେ ବୁଝିପାରୁନୁ ବିଧାୟିକା ଓ ସାଂସଦଙ୍କ ମଧ୍ୟରେ ଏ ଯୋଉ ଲଢେଇ ହେଲା ତାହା ବନ୍ୟାବିପନ୍ନଙ୍କୁ କି ସାହାଯ୍ୟ କରିବ। ଚଳିତ ବନ୍ୟା ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ଦୁର୍ବିସହ କରିଥିବା ବେଳେ ନେତାଙ୍କ ଭିତରେ ଏମିତି ଯୁଦ୍ଧରେ କିଏ ଜିତିଲା କିଏ ହାରିଲା ତାକୁ ନେଇ ରାଜନୀତି ସରଗରମ ହୋଇପାରେ। କିନ୍ତୁ ସାଧାରଣ ଲୋକର କଣ ସୁବିଧା ହେବ ବୁଝାପଡୁନି।

ଅବଶ୍ୟ ପ୍ରସଙ୍ଗ ଭିତ୍ତିକ ରାଜନୀତିରେ ସରକାର ଆଉ ବିରୋଧୀ ବନ୍ୟା ପରିଚାଳନା ପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଆକ୍ଷେପ ପ୍ରତ୍ୟାକ୍ଷେପ କରିବାରେ କିଛି ଆପତ୍ତି ନାହିଁ। ହେଲେ ଏହି ଗରମାଗରମ ଆଲୋଚନା ବା ବାକ୍‌ବିତଣ୍ଡାରୁ ଯଦି ଲୋକଙ୍କୁ ସହାୟତା ଦେବାର କିଛି ଅବସର ବାହାରୁଛି ଭଲ କଥା। କିନ୍ତୁ କେବଳ ନିଜର ପତିଆରା ପ୍ରଦର୍ଶନ କରିବା ଆଉ ଭୋଟ ରାଜନୀତିରେ ତିଷ୍ଠି ରହିବାକୁ ଯଦି ଆରୋପ ପ୍ରତିଆରୋପ ଚାଲିଛି, ଏହା ସୁସ୍ଥ ପରମ୍ପରା ନୁହେଁ ଆଉ ଏହାକୁ ଜନସାଧାରଣ ବୁଝିବା ଦରକାର।

# କୃଷ୍ଣଙ୍କ କ୍ରୋଧ ଖୋଲିଲା 'ଆବାସ୍' ପୋଲ୍



ମହାଭାରତ ହେଉକି ଶ୍ରୀକୃଷ୍ଣଲୀଳା ହେଉ, କୃଷ୍ଣଙ୍କ କ୍ରୋଧ ସମସ୍ତେ ଦେଖିଛନ୍ତି। ଏବେ ଠିକ୍ ସେମିତି ବିଜେପିର କୃଷ୍ଣଙ୍କ କ୍ରୋଧ ଚର୍ଚ୍ଚାର ବିଷୟ ପାଲଟିଛି। ଆମେ କହୁଛୁ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ କଥା। ଢେଙ୍କାନାଳ ଜିଲ୍ଲାରୁ ଆସିଛି ଏକ ଅଜବ ଗଜବ ଖବର। ସଦର ବ୍ଲକ କାଇମାଟି ପଞ୍ଚାୟତର ଗହମଖୁଣ୍ଟି ଗାଁର ଏକ ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଡିଓଙ୍କ ସମେତ କିଛି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧମକ ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମନ୍ତ୍ରୀ ସିଧାସଳଖ ସରକାରୀ କର୍ମଚାରୀଙ୍କୁ ଟ୍ରାନ୍ସଫର କରିଦେବା ପାଇଁ ଧମକ ଦେଉଛନ୍ତି। ଏପରିକି ଜଣେ ମହିଳା ପିଇଓଙ୍କୁ ମଧ୍ୟ ମନ୍ତ୍ରୀ ତାଗିଦ୍ କରୁଥିବା ନଜରକୁ ଆସୁଛି। ଖାଲି ସେତିକି ନୁହେଁ, ମନ୍ତ୍ରୀଙ୍କ ସାଙ୍ଗରେ ଥିବା ତାଙ୍କ ସମର୍ଥକ ମଧ୍ୟ ସେହି ମହିଳାଙ୍କୁ ଘେରିଥିବା ଦେଖାଯାଉଛି। ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଦେଉଥିବା ବେଳେ, ସରପଞ୍ଚ ଆଉ ପିଇଓମାନେ ଏଥିରେ ଚଞ୍ଚକତା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ମନ୍ତ୍ରୀ। ଏପରିକି ନିଜ ନିଜ ଭିତରେ ଘର ବାଣ୍ଟିନେଇ ଘର ପିଛା ୧୦ରୁ ୨୦ ହଜାର ଟଙ୍କା ଆଦାୟ କରୁଥିବା କହିଛନ୍ତି ମନ୍ତ୍ରୀ। ଯାହା ଏବେ ସାରା ରାଜ୍ୟରେ ବଡ଼ ଚର୍ଚ୍ଚା ସୃଷ୍ଟି କରିଛି।

ଜଣେ କ୍ୟାବିନେଟ ମନ୍ତ୍ରୀ ସର୍ବସମ୍ମୁଖରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଟ୍ରାନ୍ସଫର କରିବାର ଧମକ ଦେବା କେତେ ଠିକ ତାହା ଆମେ ଆଲୋଚନା କରିବାକୁ ଚାହୁଁନୁ। କିନ୍ତୁ ସମ୍ପୃକ୍ତ ପିଇଓ ପରବର୍ତ୍ତୀ ମସୟରେ ଯେଉଁ ପାଲଟା ଅଭିଯୋଗ ଆଣିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ପିଇଓମାନଙ୍କ କହିବା କଥା ସେମାନେ ଯୋଗ୍ୟ ହିତାଧିକାରୀ ଚୟନ କରି ଆବାସ ଘର ଦେବା ପାଇଁ ନିଷ୍ଠାର ସହ କାମ କରୁଛନ୍ତି କିନ୍ତୁ ସ୍ଥାନୀୟ ରାଜନୈତିକ ବ୍ୟକ୍ତି ବିଶେଷ ନିଜ ଲୋକଙ୍କୁ ଘର ଦେବା ପାଇଁ କୁଆଡ଼େ ପିଇଓଙ୍କ ଉପରେ ଚାପ ପକାଉଛନ୍ତି। ଯଦି ଏହି ଅଭିଯୋଗରେ ସତ୍ୟତା ଅଛି ତେବେ ସେହି ରାଜନୈତିକ ବ୍ୟକ୍ତି କିଏ ଓ କାହାର ସମର୍ଥକ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ କଥା। ସବୁଠାରୁ ବଡ଼ କଥା ହେଲା ମନ୍ତ୍ରୀ ଯଦି ଜାଣିଛନ୍ତିଯେ, ପିଇଓମାନେ ଘର ଦେବା ପାଇଁ ଲାଞ୍ଚ ନେଉଛନ୍ତି, ତେବେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇନାହିଁ? ବିଜେପି ସରକାର ରାଜ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ହେବ ଶାସନ କରିସାରିଲାଣି। ପୂର୍ବ ବିଜେଡି ସରକାର ବେଳେ ଏହି ବିଜେପି ନେତାମାନେ ସମାନ ଅଭିଯୋଗ ଆଣୁଥିଲେ। ଦଳୀୟ ଆଧାରରେ ଆବାସ ଘର ବଣ୍ଟାଯାଉଛି ଓ ଘର ପିଛା ୨୦ ହଜାର ଟଙ୍କା ଆଦାୟ କରାଯାଉଛି ବୋଲି ରାଜରାସ୍ତାରେ ତୁମ୍ବିତୋଫାନ କରୁଥିଲେ। ସରକାର ବଦଳିବାର ଏବେ ଦୁଇ ବର୍ଷ ପରେ ବି ସମାନ ଢଙ୍ଗରେ କାମ ଚାଲିଛି ବୋଲି ଲୋକେ ବୁଝିସାରିଲେଣି।

ସେ ଯାହାହେଉ, ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ଏହି ଧମକ ପରେ ପିଇଓମାନେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ପାଖରେ ପାଲଟା ଅଭିଯୋଗ କରିଛନ୍ତି। ତେଣୁ ମନ୍ତ୍ରୀ ଆଉ ପଞ୍ଚାୟତ ଅଫିସରଙ୍କ ମଧ୍ୟରେ ବଡ଼ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ଚାଲିଛି। ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଏବଂ ପିଇଓମାନଙ୍କ ଭିତରେ ଏହି ଶୀତଳଯୁଦ୍ଧ ଦଳ ପାଇଁ ବୁମେରାଂ ହୋଇପାରେ ବୋଲି କୁହାଯାଉଛି।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS